بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہٖ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 24

ସାପ୍ତାହିକ

**ବଦର**

Weekly **BADAR** Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

11 ଜୁନ୍ 2020 | 11 ଏହ୍‌ସାନ 1399 ହି.ଶ | 18 ଶଓ୍ୱାଲ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلَا تُؤۡتُوا السُّفَہَآءَ اَمۡوَالَکُمُ
الَّتِیۡ جَعَلَ اللّٰہُ لَکُمۡ قِیٰمًا
وَّارۡزُقُوۡہُمۡ فِیۡہَا وَاکۡسُوۡہُمۡ وَقُوۡلُوۡا
لَہُمۡ قَوۡلًا مَّعۡرُوۡفًا ۝ (النساء:6)

ଅନୁବାଦ-ଏବଂ ଅଜ୍ଞାନମାନଙ୍କୁ ନିଜର ସମ୍ପତି ଅର୍ପଣ କର ନାହିଁ, ଯାହାକୁ ଅଲ୍ଲାଃ ତୁମମାନଙ୍କ ଜୀବିକା ନିର୍ବାହର ପନ୍ଥା ନିରୁପଣ କରିଅଛନ୍ତି, ଏବଂ ତୁମେମାନେ ତନ୍ମଧ୍ୟରୁ ସେମାନଙ୍କୁ ଖୁଆଅ ଓ ପିନ୍ଧାଅ ଏବଂ ସେମାନଙ୍କୁ ଉଚିତ (ଓ ଉତମ) କଥା କୁହ ।

*(ଆଲେ ଇମରାନ୍: ୬)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ନମାଜରେ ମଜା ଓ ଆନନ୍ଦ ମିଳିବା ମଧ୍ୟ ଭକ୍ତିତ୍ୱ ଓ ଈଶ୍ୱରତ୍ୱ ର ସମ୍ପର୍କରେ ହିଁ ସୃଷ୍ଟି ହୋଇଥାଏ । ଯେ ପର୍ଯ୍ୟନ୍ତ ନିଜକୁ ସତାହୀନ ବା ସତାହୀନ ସମ ମଣି ତଳେ ନ ପକାଇଛ, ଯାହା ଈଶ୍ୱରତ୍ୱ ନିଜସ୍ୱ ଇଚ୍ଛା, ସେ ପର୍ଯ୍ୟନ୍ତ ତାହାର କୃପା ଏବଂ ପ୍ରତିବିମ୍ବ ତା ଉପରେ ପଡ଼ିବ ନାହିଁ ଏବଂ ଯଦି ଏପରି ହୁଏ ତେବେ ପୁଣି ଉଚ୍ଚ ସ୍ତରର ଆନନ୍ଦ ପ୍ରାପ୍ତ ହୋଇଥାଏ, ଯାହାଠାରୁ ବଳି କୌଣସି ସୁଖ ନାହିଁ ।**

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

### ନମାଜର ସ୍ତମ୍ଭଗୁଡ଼ିକର ବାସ୍ତବିକତା

ନମାଜର ସ୍ତମ୍ଭଗୁଡ଼ିକ ହେଉଛି ବାସ୍ତବିକ ଉଠିବା ଓ ବସିବାର ଦୁଇଟି ପ୍ରଯ୍ୟାୟ । ମଣିଷକୁ ଖୁଦାତାଲାଙ୍କ ସମ୍ମୁଖରେ ଛିଡ଼ା ହେବାକୁ ପଡ଼ିଥାଏ । କୟାମ୍ (ଅର୍ଥାତ ଛିଡ଼ା ହୋଇ ରହିବା) ମଧ୍ୟ ସେବକର ଶିଷ୍ଟାଚାର ମଧ୍ୟରୁ ଗୋଟିଏ ଶିଷ୍ଟାଚାର । ରୁକୁ (ଅର୍ଥାତ ନଇଁ ପଡ଼ିବା), ଯାହା ହେଉଛି ଦ୍ୱିତୀୟ ପ୍ରଯ୍ୟାୟ, ତାହା ବତାଇ ଦେଉଛି ଯେ ଯେପରି ସେ ହୁକୁମ୍‌ର ପାଳନ ପାଇଁ ମୁଣ୍ଡ ନୁଆଁଇ ପ୍ରସ୍ତୁତ ହୋଇ ରହିଛି ଏବଂ ସିଜ୍‌ଦାଃ (ଅର୍ଥାତ ନତମସ୍ତକ ହୋଇ ମଥାକୁ ମାଟିରେ ଲଗାଇବା) ହେଉଛି ଉତମ ଶିଷ୍ଟାଚାର, ଉତମ ବିନମ୍ରତା ଏବଂ ନିରସ୍ତିତ୍ୱକୁ ପ୍ରକାଶ କରିଥାଏ ଯାହା ଉପାସନାର ଉଦ୍ଦେଶ୍ୟ ଅଟେ । ଏହି ଶିଷ୍ଟାଚାର ଓ ପ୍ରଥାକୁ ଖୁଦାତାଲା ସ୍ମୃତିପତ୍ର ରୂପେ ନିର୍ଦ୍ଧାରଣ କରିଛନ୍ତି ଏବଂ ଶରୀରକୁ ଅନ୍ତରରୁ ଭାଗ ଦେବା ଖାତିର୍ ଏହାକୁ ନିୟୋଜିତ କରିଛି । ଏତଦ୍‌ବ୍ୟତିତ ଅନ୍ତଃମାର୍ଗର ପ୍ରମାଣିକରଣ ଖାତିର୍ ଗୋଟିଏ ବାହ୍ୟ ପ୍ରଥାକୁ ମଧ୍ୟ ରଖି ଦେଇଛି । ଏବେ ଯଦି ବାହ୍ୟ ଶୈଳୀ ରେ (ଯାହା ଅନ୍ତଃ ଓ ବାହ୍ୟ ଶୈଳୀର ଏକ ପ୍ରତିଛବି) କେବଳ ଅନୁକରଣକାରୀଙ୍କ ଭଳି ଅନୁକରଣ କରାଯାଏ ଏବଂ ଏହାକୁ ଏକ ବୋଝ ଭାବି ମୁଣ୍ଡରୁ ଓହ୍ଲାଇ ଦେବାପାଇଁ ଚେଷ୍ଟା କରାଯାଏ, ତେବେ ତୁମେ ହିଁ ବାତଅ ଏଥିରେ କଣ ମଜା ଓ ରସ ମିଳିପାରିବ ? ଏବଂ ଯେ ପର୍ଯ୍ୟନ୍ତ ମଜା ଆନନ୍ଦ ନ ଆସିଛି ତା'ର ବାସ୍ତବିକତା କାହିଁକି ପ୍ରମାଣିତ ହେବ । ଏହା ସେତେବେଳେ ହେବ ଯେତେବେଳେ ଆତ୍ମା ସମ୍ପୁର୍ଣ୍ଣରୂପେ ନିରସ୍ତିତ୍ୱ ଓ ସମ୍ପୁର୍ଣ୍ଣ ବିନମ୍ର ହୋଇ ଅଲ୍ଲାଃଙ୍କ ଆସ୍ଥାନରେ ପଡ଼ିବ ଓ ଯାହା ମୁହଁ କହୁଛି ତାହା ଆତ୍ମା ମଧ୍ୟ କହିବ । ସେତେବେଳେ ଏକ ଆନନ୍ଦ, ଜ୍ୟୋତି ଓ ଆତ୍ମସନ୍ତୋଷ ପ୍ରାପ୍ତ ହୋଇଯାଇଥାଏ ।.......... ଅତଏବ୍ ଉଦ୍ଦେଶ୍ୟ ହେଉଛି ଏହା କି ନମାଜରେ ମଜା ଓ ଆନନ୍ଦ ମିଳିବା ମଧ୍ୟ ଭକ୍ତିତ୍ୱ ଓ ଈଶ୍ୱରତ୍ୱ ର ସମ୍ପର୍କରେ ହିଁ ସୃଷ୍ଟି ହୋଇଥାଏ । ଯେ ପର୍ଯ୍ୟନ୍ତ ନିଜକୁ ସତାହୀନ ବା ସତାହୀନ ସମ ମଣି ତଳେ ନ ପକାଇଛ, ଯାହା ଈଶ୍ୱରତ୍ୱ ନିଜସ୍ୱ ଇଚ୍ଛା, ସେ ପର୍ଯ୍ୟନ୍ତ ତାହାର କୃପା ଏବଂ ପ୍ରତିବିମ୍ବ ତା ଉପରେ ପଡ଼ିବ ନାହିଁ ଏବଂ ଯଦି ଏପରି ହୁଏ ତେବେ ପୁଣି ଉଚ୍ଚ ସ୍ତରର ଆନନ୍ଦ ପ୍ରାପ୍ତ ହୋଇଥାଏ, ଯାହାଠାରୁ ବଳି କୌଣସି ସୁଖ ନାହିଁ ।

### ସଚ୍ଚା ନମାଜ

ଏପରି ସ୍ଥଳେ ମଣିଷର ଆତ୍ମା ଯେବେ ସମ୍ପୁର୍ଣ୍ଣରୂପେ ନିରସ୍ତିତ୍ୱ ହୋଇଯାଏ ସେତେବେଳେ ସେ ଖୁଦାଙ୍କ ଆଡ଼କୁ ଏକ ଝରଣା ସଦୃଶ ବହିପଡ଼ିଥାଏ ଏବଂ ଅଲ୍ଲାଃଙ୍କ ବ୍ୟତିତ ସେ ସମ୍ପୁର୍ଣ୍ଣରୂପେ (ସଂସାରଠାରୁ) ବିଚ୍ଛେଦ ହୋଇଯାଇଥାଏ । ତା'ପରେ ଯାଇ ଖୁଦା ତାଲାଙ୍କ ପ୍ରେମ (ଦୃଷ୍ଟି) ତା ଉପରେ ପଡ଼ିଥାଏ । ଏହି ମିଳାପ ସମୟର, ଏହି ଦୁଇଟି ଆବେଗ ଦ୍ୱାରା, ଯାହା ଉପରପଟୁ ଈଶ୍ୱରତ୍ୱର ଆବେଗ ଓ ତଳପଟୁ ଭକ୍ତିତ୍ୱର ଆବେଗ, ଗୋଟିଏ ବିଶେଷ ଅବସ୍ଥା ସୃଷ୍ଟି ହୋଇଥାଏ, ତାହାର ନାମ ହେଉଛି ସଲାତ୍ (ଅର୍ଥାତ ନମାଜ) । ଅତଏବ୍ ଏହା ହେଉଛି ସେହି ସଲାତ୍ ଯାହା ପାପ ଓ କୁକର୍ମକୁ ଉଷ୍ମ କରିଦିଏ ଓ ତା ସ୍ଥାନରେ ଏକ ଜ୍ୟୋତି ଓ ଚମକ ଛାଡ଼ିଦିଏ ଯାହା ସାଲିକ (ସତ୍ୟାନୁରାଗୀ)କୁ ରାସ୍ତାର ବିପଦ ଓ କଠିନ ସମୟରେ ଏକ ଉଜ୍ଜ୍ୱଳ ଦୀପକ ଭାବେ କାମ ଦେଇଥାଏ । ତା ମାର୍ଗରେ ପଡ଼ିରହିଥିବା ସବୁ ପ୍ରକାରର ଘାସ ଓ ମଇଳା ଓ ଝୁଂଟିବା ପଥର ଏବଂ ଅନାବନା କଂଟାବଣ ବିଷୟରେ ସୁଚନା ଦେଇ ତାକୁ ବଂଚାଇଥାଏ ଏବଂ ଏହା ହେଉଛି ସେହି ଅବସ୍ଥା ଯେବେ **ଇନ୍ନସ୍ ସଲାତା ତନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କର୍** (ଅନ୍‌କବୁତ୍ : ୪୬) ତା ଉପରେ ସାବ୍ୟସ୍ତ ହୋଇଥାଏ କାରଣ ତା ହାତରେ ନୁହେଁ, ତା ହୃଦୟ ରୁପକ ଦୀପଦାନି ରେ ଏକ ଆଲୋକିତ ଦୀପ ରଖାଯାଇଛି ଏବଂ ଏହି ପଦମର୍ଯ୍ୟାଦା ପୂର୍ଣ୍ଣ ବିନମ୍ରତା, ପୂର୍ଣ୍ଣ ନିରସ୍ତିତ୍ୱତା, ଶିଷ୍ଟାଚାର ଏବଂ ସମ୍ପୁର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ଦ୍ୱାରା ହାସଲ ହୋଇଥାଏ । ତେବେ ପୁଣି ତାକୁ ପାପର ଧ୍ୟାନ କାହିଁକି ଆସିପାରେ ଓ ତା'ଠାରେ ଅସ୍ୱୀକାର କରିବାରର ସତା ହିଁ ସୃଷ୍ଟି ହୋଇପାରେ ନାହିଁ । ଅଶ୍ଳିଳତା ପ୍ରତି ତା ଆଖି ଉଠି ହିଁ ପାରେନାହିଁ । ଅତଏବ୍ ତାକୁ ଏପରି ମଜା, ଏପରି ଆନନ୍ଦ ପ୍ରାପ୍ତ ହୋଇଥାଏ ଯେ ମୁଁ ଭାବିପାରୁନାହିଁ କି ତାକୁ କିପରି ବର୍ଣ୍ଣନା କରିବି ।

### ଗୈରୁଲ୍ଲାଃ (ଅଣଈଶ୍ୱର)ପ୍ରତି ଆକର୍ଷିତ ହେବା

ପୁଣି ଏକଥା ମନେରଖିବା ଯୋଗ୍ୟ ଯେ ଏହି ନମାଜ ଯାହା ନିଜ ଅସଲ ଅର୍ଥରେ ନମାଜ, ତାହା ଦୁଆ ଦ୍ୱାରା ହାସଲ ହୋଇଥାଏ । ଗୈରୁଲ୍ଲାଃ (ଅଣଈଶ୍ୱର)ଠାରୁ ମାଗିବା ମୋମିନ୍ ମାନଙ୍କ ସ୍ୱାଭିମାନର ସ୍ପଷ୍ଟ ଓ ଭିଷଣ ବିରୋଧି କାର୍ଯ୍ୟ କାରଣ ଯାହାଠାରୁ ମଗାଯାଏ ସେ ହେଉଛନ୍ତି ଅଲ୍ଲାଃ । ଯେ ପର୍ଯ୍ୟନ୍ତ ମଣିଷ ତୁଚ୍ଛ ହୋଇ ଅଲ୍ଲାଃ ତାଲା ଠୁଁ ହି ନ ମାଗିଛି, ସତ୍ୟ ଜାଣ ଯେ ବାସ୍ତବିକ ରୂପେ ସେ ସଚ୍ଚା ମୁସଲମାନ ଓ ସଚ୍ଚା ମୋମିନ୍ ବୋଲାଇବାର ହକ୍‌ଦାର ନୁହେଁ । ଇସ୍‌ଲାମ୍‌ର ବାସ୍ତବିକତା ହେଉଛି ଏହା କି ତା'ର ସମସ୍ତ ଅନ୍ତଃ ଓ ବାହ୍ୟ ଶକ୍ତି ସମ୍ପୁର୍ଣ୍ଣରୂପେ ଅଲ୍ଲାଃ ତାଲାଙ୍କ ଆସ୍ଥାନରେ ପଡ଼ି ରହିଥିବ । ଯେଉଁଭଳି ଗୋଟିଏ ବଡ଼ ଇଞ୍ଜିନ୍ ବହୁତ ଗୁଡ଼ିଏ କଳକୁ ଚଳାଇଥାଏ ଠିକ୍ ସେହିଭଳି ଯେପର୍ଯ୍ୟନ୍ତ ମଣିଷ ନିଜର ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକ ଗତି ଓ ସ୍ଥିତରାକୁ ସେହି ଇଞ୍ଜିନ୍‌ର ମହାନ ଶକ୍ତି ଅନ୍ତର୍ଗତ ନ କରିଦେଇଛି ସେ କାହିଁକି ଅଲ୍ଲାଃ ତାଲାଙ୍କ ଈଶ୍ୱରତ୍ୱକୁ ସ୍ୱୀକାର କରିପାରିବ ଏବଂ ନିଜକୁ **ଇନ୍ନି ଓ୍ୱଜ୍‌ଜହ୍‌ତୁ ଓ୍ୱଜ୍‌ହିୟା ଲିଲ୍ଲଜି ଫତରସ୍ ସମାଓ୍ୱାତି ଓ୍ୱଲ୍‌ଅର୍‌ଜ୍** (ଅଲ୍‌ଅନାମ୍ : ୮୦) କହିବା ସମୟରେ ପ୍ରକୃତ ପକ୍ଷେ ହନିଫ୍ (ଧର୍ମପରାୟଣ) ବୋଲାଇ ପାରିବ ? ଯେମିତି ମୁହଁରେ କହୁଛି ସେହିପରି ଏପଟକୁ ଆକୃଷ୍ଟ ହେବ ତ ନିଶ୍ଚିତ ରୂପେ ସେ ହେଉଛି ମୁସ୍‌ଲିମ୍ ସେ ମୋମିନ୍ ଓ ହନିଫ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ବ୍ୟତିତ ଗୈରୁଲ୍ଲାଃ (ଅଣଈଶ୍ୱର)ଠାରୁ ମାଗିଥାଏ ଓ ଏପଟକୁ ମଧ୍ୟ ନଇଁଥାଏ ସେ ମନେରଖୁ ଯେ ସେ ହେଉଛି ବଡ଼ ଅଭାଗା ଓ ବଂଚିତ ଅର୍ଥାତ ତା ପାଇଁ ଏମିତି ସମୟ ଆସିବାକୁ ଅଛି ଯେ ସେ ମୌଖିକ ରୂପେ ଓ ଆଡ଼ମ୍ବରପୂର୍ଣ୍ଣ ହୋଇ ଅଲ୍ଲାଃ ତାଲାଙ୍କ ଆଡ଼କୁ ନଇଁ ପାରିବ ନାହିଁ ।

ନମାଜ ଛାଡ଼ି ଦେବାର ଅଭ୍ୟାସ ଓ ଆଳସ୍ୟତାର ଗୋଟିଏ କାରଣ ହେଉଛି ଏହା ମଧ୍ୟ । କାରଣ ଯେବେ ମଣିଷ ଗୈରୁଲ୍ଲାଃ (ଅଣଈଶ୍ୱର) ପ୍ରତି ଆକର୍ଷିତ ହୋଇଥାଏ ତେବେ ଆତ୍ମା ଓ ହୃଦୟର ଶକ୍ତି ସେହି ବୃକ୍ଷ ପରି (ଯାହାର ଶାଖାକୁ ପ୍ରାରମ୍ଭରେ ଗୋଟିଏ ପଟକୁ କରି ଦିଆଯାଏ ଓ ସେହି ପଟକୁ ଟାଣି ହୋଇ ସେ ବଢ଼ିଥାଏ) ସେପଟକୁ ଟାଣି ହୋଇ ଚାଲିଯାଇଥାଏ ଏବଂ ଖୁଦାତାଲାଙ୍କ ତରଫରୁ ଏକ କଠୋରତା ଓ ଦମନ ତା ହୃଦୟରେ ସୃଷ୍ଟିହୋଇ ତାକୁ

ନିଶ୍ଚଳ ଏବଂ ଜଡ଼ ବନାଇ ଦିଏ । ଯେଉଁଭଳି ସେହି ଶାଖାଟି ଅନ୍ୟପଟକୁ ମୋଡ଼ି ହୋଇପାରେ ନାହିଁ ସେହିଭଳି ସେହି ହୃଦୟ ଓ ଆତ୍ମା ଦିନକୁ ଦିନ ଖୁଦାଙ୍କଠାରୁ ଦୁରେଇ ଯାଇଥାଏ । ସୁତରାଂ ଏହା ବଡ଼ ବିପଦପୂର୍ଣ୍ଣ ଓ ହୃଦୟକୁ ଥରାଇ ଦେଉଥିବା କଥା ଯେ ମଣିଷ ଅଲ୍ଲାଃ ତାଲାଙ୍କୁ ଛାଡ଼ି ଅନ୍ୟଠାରୁ ମାଗୁ । ସେଥିଯୋଗୁଁ ନମାଜକୁ ସୁନିଶ୍ଚିତ ନିୟମିତି ପାଠ କରିବା ଅତ୍ୟନ୍ତ ଜରୁରୀ ଯଦ୍ୱାରା ପ୍ରଥମତଃ ତାହା ଏକ ଅଭ୍ୟାସରେ ପରିଣତ ହେଉ ଓ ଅଲ୍ଲାଃଙ୍କ ପ୍ରତି ଆକର୍ଷିତ ମନୋଭାବ ହେଉ । ତା'ପରେ ପୁଣି ଧିରେ ଧିରେ ସେହି ସମୟ ସ୍ୱତଃପ୍ରୃତଭାବେ ଆସିଯାଇଥାଏ ଯେବେ କି ମଣିଷ ସମ୍ପୂର୍ଣ୍ଣରୂପେ ବିଚ୍ଛେଦ ହୋଇ ଏକ ଜ୍ୟୋତି ଓ ଏକ ଆନନ୍ଦର ଉତରାଧିକାରୀ ହୋଇଯାଇଥାଏ । ମୁଁ ଏକଥାକୁ ପୁଣି ତାଗିଦ୍ କରି କହୁଛି । ଦୁଃଖର କଥା ଯେ ମତେ ସେହି ଶବ୍ଦ ମିଳିଲା ନାହିଁ ଯେଉଁଥିରେ ଗୈରୁଲ୍ଲାଃ (ଅଣଈଶ୍ୱର) ପ୍ରତି ଆକର୍ଷିତ ହେବାର ଖରାପ କଥାକୁ ବର୍ଣ୍ଣନା କରିପାରିବି । ଲୋକମାନଙ୍କ ନିକଟକୁ ଯାଇ ଅନୁରୋଧ ଓ ଖୁସାମତ କରୁଛନ୍ତି । ଏକଥା ଖୁଦାତାଲାଙ୍କ ସ୍ୱାଭିମାନକୁ ଉସୁକାଇଥାଏ । କାରଣ ଏହା ତ ଲୋକମାନଙ୍କ ନମାଜ ତେଣୁ ସେ ସେଥିରୁ ଦୁରେଇଯାଏ ଓ ତାକୁ ଦୁରକୁ ଫିଙ୍ଗି ଦେଇଥାଏ । ମୁଁ ବଡ଼ ବଡ଼ ଶବ୍ଦରେ ଏହାକୁ ବର୍ଣ୍ଣନା କରୁଛି ଯଦିଚ ଏକଥା ସେଭଳି ନୁହେଁ କିନ୍ତୁ ବହୁତ ଭଲଭାବେ ବୁଝାପଡ଼ିପାରେ ଯେ ଯେପରି ଜଣେ ସ୍ୱାଭିମାନୀ ପୁରୁଷର ସ୍ୱାଭିମାନ ଏହା ଚାହିଁନଥାଏ ଯେ ସେ ନିଜ ପତ୍ନୀକୁ ଅନ୍ୟ କାହା ସହିତ ସମ୍ପର୍କ ରଖିବାକୁ ଦେଖିପାରେ ନାହିଁ ଓ ଯେଉଁଭଳି ସେହି ପୁରୁଷ ଏପରି ପରିସ୍ଥିତିରେ ସେହି ଅଯୋଗ୍ୟ ମହିଳାକୁ ହତ୍ୟା କରାଯିବା ଯୋଗ୍ୟ ବୁଝିଥାଏ ବରଂ ବେଳେବେଳେ ଏହିପରି ଘଟଣା ଘଟିଯାଏ, ସେହିଭଳି ଆବେଗ ଓ ସ୍ୱାଭିମାନ ଈଶ୍ୱରତ୍ୱର ରହିଛି । ଭକ୍ତିତ୍ୱ ଏବଂ ଦୁଆ ବିଶେଷ ରୂପେ ସେହି ଅସ୍ତିତ୍ୱର ବିପକ୍ଷରେ ରହିଥାଏ । ସେ ପସନ୍ଦ କରେ ନାହିଁ ଯେ ଅନ୍ୟ କାହାକୁ ପୂଜା କରାଯାଉ ବା ଉପାସନା କରାଯାଉ । ଅତଏବ୍ ଖୁବ୍ ମନେରଖ ଓ ପୁଣି ମନେରଖ" ଯେ ଗୈରୁଲ୍ଲାଃ ପ୍ରତି ଆକର୍ଷିତ ହେବା ଖୁଦାଙ୍କଠାରୁ କଟିଯିବା । ନମାଜ ଏବଂ ଏକେଶ୍ୱରବାଦ କିଛି ବି କୁହ କାରଣ ଏକେଶ୍ୱରବାଦର କାର୍ଯ୍ୟ ବଚନର ନାମ ହେଉଛି ନମାଜ । ତାହା ସେତେବେଳେ ବେବର୍କତ୍ ଓ ନିରର୍ଥକ ହୋଇଥାଏ ଯେତେବେଳେ ସେଥିରେ ନିରସ୍ତିତ୍ୱ ଓ ବିନମ୍ରତାର ଆତ୍ମା ଏବଂ ଏକେଶ୍ୱରବାଦୀ ହୃଦୟ ନଥାଏ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୪୩-୧୪୬ ପ୍ରକାଶନ୨୦୧୮ କାଦିୟାନ)*

*ପୃଷ୍ଠା- ୭ ର ଅବଶିଷ୍ଟାଂଶ.....*

ସ:ଆ:ସଙ୍କୁ ଏହା କହୁଥିବାର ନ ଶୁଣିଥାନ୍ତି ଯେ କୌଣସି ବ୍ୟକ୍ତି ପକ୍ଷେ ଏହା ବୈଧ୍ୟ ନୁହେଁ ଯେ ସେ ମୃତ୍ୟୁର କାମନା କରୁ ଏବଂ ଯଦି ଏପରି ହୁଅନ୍ତା ତାହେଲେ ମୁଁ ସର୍ବପ୍ରଥମେ ମୃତ୍ୟୁର କାମନା କରିଥାନ୍ତି ଅର୍ଥାତ ସେ ଏଭଳି କଷ୍ଟ ଓ ଯନ୍ତ୍ରଣା ମଧ୍ୟ ଦେଇ ଗତି କରୁଥିଲେ । ତାଙ୍କର କଫନ ଅଣାଗଲା ଯାହାକି କବାତି କପଡ଼ା ଥିଲା କିମ୍ୱା ତାହା ଅତ୍ୟନ୍ତ ପତଳା ଥିଲା ଯାହାକି ମିସର୍ ଦେଶରେ ପ୍ରସ୍ତୁତ ହୋଇଥିଲା । ତାହାକୁ ଦେଖି ସେ କାନ୍ଦି ପକାଇଲେ ପୁନଶ୍ଚ କହିଲେ କି ରସୁଲୁଲ୍ଲାଃ ସ:ଆ:ସଙ୍କ ଚଚା ହଜ୍‌ରତ୍ ହମ୍‌ଜା ର:ଅଙ୍କୁ କଫନ ପିନ୍ଧା ଯିବା ସମୟରେ ଗୋଟିଏ କଫନର ଚାଦର ଦିଆଯାଇଥିଲା । ଯେତେବେଳେ ସେହି ଚାଦରକୁ ତାଙ୍କ ପାଦକୁ ଘୋଡ଼ାଇବାକୁ ଚେଷ୍ଟା କରାଯାଉଥିଲା ସେତେବେଳେ ତାହାଙ୍କ ମୁଣ୍ଡ ମୁକୁଳା ରହିଯାଉଥିଲା ଏବଂ ଯେତେବେଳେ ତାଙ୍କ ମୁଣ୍ଡ ଆଡ଼କୁ ଉକ୍ତ ଚାଦରକୁ ଟଣା ଯାଉଥିଲା ସେତେବେଳେ ତାଙ୍କ ପାଦ ଫୁଙ୍ଗୁଳା ରହିଯାଉଥିଲା । ଏପରିକି ତାଙ୍କ ପାଦ ଉପରେ ଇଜ୍‌ଖିର୍ ନାମକ ଘାସ ଦ୍ୱାରା ଘୋଡ଼ା ଯାଇଥିଲା । ମୁଁ ସ୍ୱୟମକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସେହି ଅବସ୍ଥାରେ ଦେଖିଛି କି ଯେତେବେଳେ ମୁଁ ଗୋଟିଏ ଦିନାର୍‌ର ମାଲିକ ମଧ୍ୟ ନଥିଲି ନା କି ଦିର୍‌ହମ୍‌ର ଅର୍ଥାତ ମୋ ନିକଟରେ କିଛି ବି ଅର୍ଥ ନଥିଲା । କିନ୍ତୁ ଏବେ ମୋର ଅବସ୍ଥା ଏପରି କି ମୋ ପାଖରେ ମୋ ଘରର କୋଣରେ ସିନ୍ଦୁକ ମଧ୍ୟରେ ଚାଳିଶି ହଜାର୍ ଦିର୍‌ହମ୍ ରହିଛି ଏବଂ ମୁଁ ଭୟ କରୁଛି ଯେ, ଆମ ଜୀବନର ପବିତ୍ର ଜିନିଷ ସବୁ ଆମକୁ ଏହି ଜୀବନରେ ହିଁ ନ ମିଳିଯାଉ ।

*(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୧୨୩......... ବେରୁତ ୧୯୯୦) (ଲୁଗାତୁଲ୍ ହଦିସ୍ ଖଣ୍ଡ-୩, ପୃ-୪୮୪..... ଲାହୋର୍ ୨୦୦୫)*

ହଜ୍‌ରତ୍ ଖବାବ୍ ର:ଅ ବର୍ଣ୍ଣନା କରନ୍ତି କି ଆମେମାନେ ନବୀ କରିମ୍ ସ:ଆ:ସଙ୍କ ସହିତ ହିଜ୍‌ରତ୍ କରିଥିଲୁ ଆମେମାନେ ଅଲ୍ଲାଃ ତାଲାଙ୍କର ଅନୁଗ୍ରହ ଲାଭ କରିବାକୁ ଚାହୁଁଥିଲୁ ଏବଂ ଆମର ପୂଣ୍ୟ ଅଲ୍ଲାଃ ତାଲାଙ୍କ ଦାୟିତ୍ୱ ହୋଇଗଲା । ଆମମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ରହିଥିଲେ ଯେଉଁମାନେ ମୃତ୍ୟୁବରଣ କରସାରିଛନ୍ତି ଓ ସେମାନେ ନିଜ ପୂଣ୍ୟକୁ ଟିକେ ହେଲେ ଭକ୍ଷଣ କରିନଥିଲେ । ସେମାନଙ୍କ ମଧ୍ୟରୁ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍ ଅନ୍ୟତମ ଅଟନ୍ତି । ଆମମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତି ମଧ୍ୟ ରହିଛନ୍ତି ଯେଉଁମାନଙ୍କର ଫଳ ପାଚିଗଲାଣି ଓ ସେମାନେ ସେହି ଫଳକୁ ଗୋଟାଇଛନ୍ତି । ହଜ୍‌ରତ୍ ମୁସ୍‌ଅବ୍ ର:ଅ ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ଏବଂ ଆମମାମନଙ୍କୁ କେବଳ ଗୋଟିଏ ଚାଦର ହିଁ ପ୍ରାପ୍ତ ହୋଇଥିଲା, ଯେଉଁ ଚାଦର ସାହାଯ୍ୟରେ ଆମେମାନେ ସେହି ଶହୀଦ ହୋଇଥିବା ସାହାବାଙ୍କୁ କଫନ ଦେଇଥିଲୁ । ଯେତେବେଳେ ଆମେମାନେ ତାଙ୍କ ମୁଣ୍ଡ ଘୋଡ଼ାଉ ଥିଲୁ ସେତେବେଳେ ତାଙ୍କର ପାଦ ଫୁଙ୍ଗୁଳା ରହିଯାଉଥିଲା ଏବଂ ଯେତେବେଳେ ତାଙ୍କ ପାଦ ଘୋଡ଼ାଇବାକୁ ଚେଷ୍ଟା କରୁଥିଲୁ ସେତେବେଳେ ତାଙ୍କ ମୁଣ୍ଡ ମୁକୁଳା ରହିଯାଉଥିଲା । ଏବେ ନବୀ କରିମ୍ ସ:ଆ:ସ ଏପରି ଦୃଶ୍ୟ ଦେଖି ଆମକୁ ଏହି ଆଦେଶ ଦେଲେ କି ତୁମେମାନେ ତାଙ୍କର ମୁଣ୍ଡକୁ ଘୋଡ଼ାଇ ଦିଅ ଏବଂ ପାଦରେ ଇଜ୍‌ଖିର୍ ନାମକ ଘାସ ପକାଇ ଦିଅ ।

*(ସହି ବୁଖାରୀ କିତାବୁଲ୍ ଯନାଇଜ୍....... ହଦିସ୍ ୧୨୭୬)*

ଜୈଦ୍ ବିନ୍ ଓ୍ୱହବ୍ ବର୍ଣ୍ଣନା କଲେ କି ଆମେମାନେ ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ଆସୁଥିଲୁ ସେତେବେଳେ ସେ ସିଫିନ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏପରି କି ଯେତେବେଳେ ସେ କୁଫାର ଦ୍ୱାରରେ ପହଂଚିଲେ ସେତେବେଳେ ସେ କଣ ଦେଖିଲେ କି ଯେ ଆମର ଦକ୍ଷିଣ ପାର୍ଶ୍ୱରେ ୭ଟି କବର ରହିଛି । ହଜ୍‌ରତ୍ ଅଲୀ ର:ଅ ପ୍ରଶ୍ନ କଲେ କି ଏହା କେଉଁ ଲୋକମାନଙ୍କର କବର ? ଲୋକମାନେ ଉତର ଦେଲେ ଯେ ଅମୀରୁଲ୍ ମୁମିନିନ୍ ଆପଣ ସିଫିନ୍ ଯୁଦ୍ଧପାଇଁ ବାହାରିବା ପରେ, ହଜ୍‌ରତ୍ ଖବାବ୍ ର:ଅଙ୍କ ବିୟୋଗ ଘଟିଥିଲା । ସେ ଓ୍ୱସିୟତ (Will) କରିଥିଲେ ଯେ, ମତେ କୁଫା ସହରର ବାହାରେ ନେଇ କବର ଦେବ । ସେଠାକାର ଲୋକମାନଙ୍କର ଏହି ପ୍ରଥା ରହିଥିଲା ଯେ ନିଜର ମୃତକଙ୍କୁ ନିଜ ଘର ଅଗଣାରେ ବା ନିଜ ଗୃହର କବାଟ ବା ଦ୍ୱାରକୁ ସଲଗ୍ନ କରି ସେମାନଙ୍କୁ କବର ଦିଆଯାଉଥିଲା । କିନ୍ତୁ ଯେତେବେଳେ ଲୋକମାନେ ଏହା ଦେଖିଲେ ଯେ ହଜ୍‌ରତ୍ ଖବାବ୍ ର:ଅ ବାହାରେ କବର ଦେବାକୁ ଓ୍ୱସିୟତ୍ କରିଛନ୍ତି ସେତେବେଳେ ଲୋକମାନେ ମଧ୍ୟ ତାଙ୍କୁ ବାହାରେ କବର ଦେଲେ । ହଜ୍‌ରତ୍ ଅଲୀ ର:ଅ କହିଲେ ଯେ ଅଲ୍ଲାଃ ତାଲା ହଜ୍‌ରତ୍ ଖବାବ୍ ର:ଅଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ, ସେ ସ୍ୱଇଚ୍ଛାରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଆଜ୍ଞାନୁଯାୟୀ ହିଜ୍‌ରତ୍ କରିଥିଲେ ଏବଂ ଜଣେ ଯୋଦ୍ଧା ହିସାବରେ ସେ ନିଜର ଜୀବନ ଅତିବାହିତ କରିଥିଲେ ଏବଂ ଶାରୀରିକ ରୂପେ ସେ ପରିକ୍ଷୀତ ହୋଇଥିଲେ ଏବଂ ଯେଉଁ ବ୍ୟକ୍ତି ସତ୍‌କାର୍ଯ୍ୟ କରିବ ଅଲ୍ଲାଃ ତାଲା ତାହାର ପୂଣ୍ୟ କେବେ ହେଲେ ନଷ୍ଟ କରିବେ ନେହିଁ । ହଜ୍‌ରତ୍ ଅଲୀ ର:ଅ ତାଙ୍କ କବର ନିକଟକୁ ଗଲେ ଏବଂ କହିଲେ ହେ ମୁସଲମାନ ଓ ବିଶ୍ୱାସକାରୀ କବରବାସୀ ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ ତୁମେ ଆଗକୁ ଯାଇ ଆମମାନଙ୍କ ନିମନ୍ତେ ଆସବାବ ପ୍ରସ୍ତୁତ କରିବ ଏବଂ ଆମେମାନେ ଖୁବ୍ ନିକଟରେ ତୁମମାନଙ୍କ ସହ ଆସି ସାକ୍ଷାତ କରିନେବୁ । ହେ ଅଲ୍ଲାଃ ! ଆମମାନଙ୍କୁ ଓ ସେମାନଙ୍କୁ ତୁମ୍ଭେ କ୍ଷମା କରିଦିଅ ଏବଂ ଆମମାନଙ୍କ ଓ ସେମାନଙ୍କ ପ୍ରତି କ୍ଷମାଶୀଳ ହୁଅ । ସେହି ବ୍ୟକ୍ତି ପାଇଁ ଶୁଭସମ୍ବାଦ ହେଉ ଯିଏ ପରକାଳକୁ ସ୍ମରଣ କରେ ଏବଂ ହିସାବ ପାଇଁ ଏହି କଥା ଉପରେ ବ୍ୟବହାରିକ ହୁଏ ଅର୍ଥାତ ନିଜ କାର୍ଯ୍ୟ ତଦାନୁରୁପ କରେ ତାହା ଏହି ବ୍ୟକ୍ତିର ଆବଶ୍ୟକତାକୁ ପୂର୍ଣ୍ଣକାରୀ ବସ୍ତୁ ସାବ୍ୟସ୍ତ ହେଉ । ତାହା ଉପରେ ସେ ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ମହାନ୍ ଅଲ୍ଲାଃଙ୍କୁ ରାଜି ଓ ପ୍ରସନ୍ନ କରନ୍ତୁ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୯.......... ବେରୁତ ୨୦୦୩)*

ହଜ୍‌ରତ୍ ଅଲୀ ସେଠାରେ ଅର୍ଥାତ ହଜ୍‌ରତ୍ ଖବାବ୍ ର:ଅଙ୍କ କବର ନିକଟରେ ଏହିପରି ଦୁଆ କରିଥିଲେ । ହଜ୍‌ରତ୍ ଖବାବ୍ ର:ଅଙ୍କର ବିୟୋଗ ୩୭ ହିଜ୍‌ରୀରେ ୭୩ ବର୍ଷ ବୟସରେ ହୋଇଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୨୪............ ବେରୁତ ୧୯୯୦)*

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହେ ଲୋକମାନେ ! ଅଲ୍ଲାଃଙ୍କୁ ଭୟକର ଓ ଧୈର୍ଯ୍ୟ ଧର............ ଅଲ୍ଲାଃଙ୍କୁ ଭୟକର, ଅଲ୍ଲାଃ ତୁମର ମାର୍ଗ ଉନ୍ମୁକ୍ତକାରୀ ଓ ତୁମର କାର୍ଯ୍ୟ ସମ୍ପାଦନକାରୀ ।**

**''ତୁମମାନଙ୍କ ପୂର୍ବରୁ ଯେଉଁମାନେ ଥିଲେ ସେମାନଙ୍କ ମଧ୍ୟରୁ ଜଣଙ୍କ ପାଇଁ ଗାତ ଖୋଳା ଯାଉଥିଲା, ପୁଣି କରତ ଦ୍ୱାରା ତା ମୁଣ୍ଡକୁ ଦୁଇଫାଳ କରାଯାଉଥିଲା, ଏହା ସତ୍ୱେ ମଧ୍ୟ ତାକୁ ତା ଧର୍ମରୁ ଏହା ରୋକି ପାରୁନଥିଲା'' ।**

**''ଅଲ୍ଲାଃ ଖବାବ୍‌ଙ୍କ ଉପରେ କରୁଣା ଅବତୀର୍ଣ୍ଣ କରନ୍ତୁ ! ସେ ନିଜେ ନିଜ ଖୁସିରେ ଇସ୍‌ଲାମ୍ ଗ୍ରହଣ କଲେ, ସେ ଆଜ୍ଞାପାଳନ କରି ହିଜ୍‌ରତ୍ କଲେ, ଜଣେ ମୁଜାହିଦ୍ (ଧର୍ମବୀର)ଙ୍କ ପରି ଜୀବନ ବିତାଇଲେ, ତାଙ୍କୁ ଶାରିରୀକ କଷ୍ଟ ଦିଆଯାଇ ପରୀକ୍ଷା କରାଗଲା ଏବଂ ଯେଉଁ ବ୍ୟକ୍ତି ପୂଣ୍ୟକର୍ମ କରେ ଅଲ୍ଲାଃ ତାହାର ପୂଣ୍ୟଫଳ ନଷ୍ଟ କରନ୍ତି ନାହିଁ ।''**

**ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦାଧାରୀ ସାହାବି ହଜ୍‌ରତ୍ ଖବାବ୍ ବିନ୍ ଅର୍‌ତ୍ ର:ଅଙ୍କ ବିଶେଷ ଗୁଣଗାରିମାର ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୮ ମଇ ୨୦୨୦ ଅନୁଯାୟୀ ୦୮ ହିଜ୍‌ରତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଆଜି ମୁଁ ଏକ ବଦ୍ରି ସାହାବି ହଜ୍‌ରତ୍ ଖବାବ୍ ବିନ୍ ଅରତ୍ ର:ଅଙ୍କ ଚର୍ଚ୍ଚା କରିବି । ହଜ୍‌ରତ୍ ଖବାବ୍‌ଙ୍କର ସମ୍ପର୍କ କବିଲା ବନୁ ସାଆଦ୍ ବିନ୍ ଜୈଦ୍‌ଙ୍କ ସହ ଥିଲା । ତାଙ୍କ ପିତାଙ୍କ ନାମ ଅରଦ୍ ବିନ୍ ଜନ୍‌ଦଲା ଥିଲା । କେତେକଙ୍କ କହିବା ଅନୁଯାୟୀ ତାଙ୍କ କୁନିୟତ୍ ଅବୁ ଅବଦୁଲ୍ଲା ଓ ଆଉ କେତେକଙ୍କ ମତାନୁଯାୟୀ ତାଙ୍କ କୁନିୟତ୍ ଅବୁ ଯହିୟା ମଧ୍ୟ ଥିଲା । ଅନ୍ଧକାରମୟ ଯୁଗରେ ତାଙ୍କୁ କ୍ରୀତଦାସ କରି ମକ୍କା ଅଣାଯାଇଥିଲା ଏବଂ ସେ ଉତ୍‌ବା ବିନ୍ ଗଜଓ୍ୱାନ୍‌ଙ୍କ କ୍ରୀତଦାସ ଥିଲେ । ଆଉ କେତେକଙ୍କ କହିବା ଅନୁଯାୟୀ ସେ ଉମ୍ମେ ଅମାର୍ ଖଜାଇୟାଙ୍କର କ୍ରୀତଦାସ ଥିଲେ ଏବଂ ବନୁ ଜୋହଦାଙ୍କର ହଲିବ୍ ଥିଲେ । ପ୍ରଥମ ଚରଣରେ ବିଶ୍ୱାସ ଆଣିଥିବା ସାହାବାଙ୍କ ମଧ୍ୟରେ ସେ ଷଷ୍ଠତମ ସାହାବି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ଏହାର ପ୍ରତିବଦଳରେ ସେ ଭିଷଣ କଷ୍ଟ ଓ ଅତ୍ୟାଚାର ସହ୍ୟ କରିଥିଲେ । ହଜ୍‌ରତ୍ ଖବାବ୍ ର:ଅ ହଜୁର ସ:ଆ:ସଙ୍କ ଦାରେ ଅର୍‌କମ୍‌କୁ ଚାଲିଯିବା ଏବଂ ସେଠାରେ ଇସ୍‌ଲାମ୍‌ର ପ୍ରଚାର କରିବା ପୂର୍ବରୁ ହିଁ ସେ ଆପଣ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିନେଇଥିଲେ ।

*(ତବକାତୁଲ୍ କୁବ୍‌ରା ଲିଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୧୨୧-୧୨୨......... ବେରୁତ ୧୯୯୦) (ଅଲ୍ ଅସାବାଃ........ ଖଣ୍ଡ-୨, ପୃ-୨୨୧.......... ବେରୁତ ୧୯୯୫)*

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୭......... ବେରୁତ ୨୦୦୩)*

ମୁଜାହିଦ୍ କୁହନ୍ତି କି ଯେଉଁ ଲୋକମାନେ ହଜୁର ସ:ଆ:ସଙ୍କ ନବୀ ହେବାର ଘୋଷଣା କରିବାର ପ୍ରଥମ ଚରଣରେ ଆପଣଙ୍କ ଉପରେ ବିଶ୍ୱାସ ଆଣି ନିଜ ମୁସଲମାନ ହେବାର ପରିପ୍ରକାଶ କରିଥିଲେ, ସେମାନେ ଯଥାକ୍ରମେ ଏପରି ଥିଲେ, ହଜ୍‌ରତ୍ ଅବୁବକର୍ ର:ଅ, ହଜ୍‌ରତ୍ ଖବାବ୍, ହଜ୍‌ରତ୍ ସ୍ୱହେବ୍, ହଜ୍‌ରତ୍ ବିଲାଲ୍, ହଜ୍‌ରତ୍ ଅମାର୍ ଓ ହଜ୍‌ରତ୍ ସୁମିୟା ଯେ କି ହଜ୍‌ରତ୍ ଅମାର୍‌ଙ୍କର ମାତାଶ୍ରୀ ଥିଲେ । ଅତଏବ ହଜୁର ସ:ଆ:ସଙ୍କୁ ତ ଅଲ୍ଲାଃ ତାଲା ତାଙ୍କ ଚଚା ଅବୁ ତାଲିବ୍‌ଙ୍କ ଜରିଆରେ ସୁରକ୍ଷିତ ରଖିଥିଲେ । ସେ ଯାହା ହେଉ ସମ୍ଭବତଃ ଲିପିବଦ୍ଧକାରୀର ଏକଥା ସ୍ମରଣ ରହିଲା ନାହିଁ ଯଦ୍ୱାରା ସେ ଏପରି ରଚନା କରିଦେଇଛି କି ହଜୁର ସ:ଆ:ସଙ୍କୁ କୌଣସି କଷ୍ଟ ସହିବାକୁ ପଡ଼ିନଥିଲା ବା ଅତ୍ୟାଚାରୀଙ୍କ ଅତ୍ୟାଚାରରୁ ସେ ବର୍ତି ରହିଯାଇଥିଲେ । ଯଦ୍ୱାରା ସେ ଏପରି ରଚନା କରିଦେଇଥିଲା କି ଅବୁ ତାଲିବ୍ ହଜୁର ସ:ଆ:ସଙ୍କ ସୁରକ୍ଷା ପ୍ରଦାନ କରିଥିଲେ ଅବା ତାଙ୍କଯୋଗୁଁ ହଜୁର ସ:ଆ:ସଙ୍କୁ ସୁରକ୍ଷା ମିଳିଥିଲା । ଇତିହାସ ପୃଷ୍ଠାରେ ଦରଜ ରହିଛି କି ହଜ୍‌ରତ୍ ମୁହମ୍ମଦ ସ:ଆ:ସ ମଧ୍ୟ ଅମାନ୍ୟକାରୀ ମକ୍କାବାସୀଙ୍କଠାରୁ ସୁରକ୍ଷିତ ନଥିଲେ ନା ହଜ୍‌ରତ୍ ଅବୁବକର୍ ର:ଅ ସୁରକ୍ଷିତ ଥିଲେ ଏବଂ ଏମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼ିଥିଲା କିନ୍ତୁ ବାକି ଲୋକମାନଙ୍କୁ ଉତପ୍ତ ଲୁହାର ପୋଷାକ ପିନ୍ଧାଇ ଦିଆଯାଉଥିଲା ଫଳତଃ ସେମାନଙ୍କୁ ଭିଷଣ କଷ୍ଟ ସହ୍ୟ କରିବାକୁ ପଡୁଥିଲା କିନ୍ତୁ ଯେପରିକି ମୁଁ କହିଲି କି ଏହା ଲିପିବଦ୍ଧକାରୀର ଏକ ଧାରଣା । କାରଣ ଇତିହାସ ପୃଷ୍ଠାରେ ତ ଏହା ହିଁ ଦରଜ ରହିଛି କି ଅତ୍ୟାଚାରିଙ୍କ କବଳରୁ ନା ହଜୁର ସ:ଆ:ସ ସୁରକ୍ଷିତ ଥିଲେ ନା ହଜ୍‌ରତ୍ ଅବୁବକର । ଯେତେବେଳେ କି ସେ ଆଗକୁ ଲେଖିଛି ଅର୍ଥାତ ଲିପିବଦ୍ଧକାରୀ ଲେଖୁଛନ୍ତି କି ଦୁହେଁ ସୁରକ୍ଷିତ ଥିଲେ କିନ୍ତୁ ଅନ୍ୟମାନେ ଉତପ୍ତ ଲୁହାର ପୀଡ଼ା ଭୋଗ କରିଥିଲେ ଏବଂ କଠିନ ସୂର୍ଯ୍ୟତାପରେ ସେମାନଙ୍କୁ ଯନ୍ତଣା ଦିଆଯାଉଥିଲା ଓ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ସେମାନେ ଲୁହା ଓ ସୂର୍ଯ୍ୟତାପକୁ ସହିଯାଉଥିଲେ ।

ଶେବି କୁହନ୍ତି ହଜ୍‌ରତ୍ ଖବାବ୍ ବହୁତ ଧୈର୍ଯ୍ୟ ରକ୍ଷା କରିଥିଲେ ଏବଂ ଅମାନ୍ୟକାରୀଙ୍କ ଦାବି ଅର୍ଥାତ ଇସ୍‌ଲାମ୍ ପରିତ୍ୟାଗ କରିବାକୁ ସ୍ୱୀକାର କଲେ ନାହିଁ । ଯଦ୍ୱାରା ସେମାନେ ଉକ୍ତ ସାହାବାମାନଙ୍କ ପିଠି ଉପରେ ଉତପ୍ତ ଶୀଳା ରଖିଦେଉଥିଲେ । ଯଦ୍ୱାରା ସେମାନଙ୍କ ପିଠିର ମାଂସପେଶୀ ବାକି ରହୁନଥିଲା । ଏହା ଅସଦୁଲ୍ ଗାବାଃରେ ବର୍ଣ୍ଣିତ ରହିଛି ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୭......... ବେରୁତ ୨୦୦୩)*

ହଜ୍‌ରତ୍ ଖବାବ୍ ର:ଅଙ୍କ ଏକ ଘଟଣା ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ସ୍ୱୀକାର କରିବା ସମୟରେ ବର୍ଣ୍ଣନା ମିଳୁଛି । ଯାହାର ବିସ୍ତାର ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତମୁନ୍ ନବିଇନ୍‌ରେ ଏଭଳି ଉଲ୍ଲେଖ କରିଛନ୍ତି କି ହଜ୍‌ରତ୍ ହମ୍‌ଜାଃ ର:ଅଙ୍କୁ ଇସ୍‌ଲାମ୍ ସ୍ୱୀକାର କରିବାକୁ କିଛି ଦିନ ଅତିବାହିତ ହୋଇନଥିଲା କି ଐଶ୍ୱରର୍ଯ୍ୟମୟ ଅଲ୍ଲାଃ ମୁସଲମାନମାନଙ୍କୁ ଆଉ ଏକ ଆନନ୍ଦର ଅବସର ପ୍ରଦାନ କଲେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ଯେ ସେ ପର୍ଯ୍ୟନ୍ତ ମୁସଲମାନମାନଙ୍କର ସବୁଠାରୁ ବଡ଼ ବିରୋଧି ଥିଲେ, ସେ ମୁସଲମାନ ହୋଇଗଲେ । ତାଙ୍କର ଇସ୍‌ଲାମ୍ ଧର୍ମଗ୍ରହଣ କରିବାର କାହାଣୀ ଅତ୍ୟନ୍ତ ମନମୁଗ୍ଧକାରୀ । ଅନେକ ଲୋକ ମଧ୍ୟ ତାହା ଶୁଣିଥିବେ ଓ ପଢ଼ିଥିବେ ତଥାପି ଏଠାରେ ମୁଁ ବର୍ଣ୍ଣନା କରିଦେଉଛି, କାରଣ ଉକ୍ତ ସାହାବାଙ୍କ ଚର୍ଚ୍ଚା କରିବା ପରିପ୍ରେକ୍ଷୀରେ ଏହା ବର୍ଣ୍ଣନା କରିବା ଜରୁରୀ ଅଟେ । ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱଭାବରେ କଠୋରତା ଅଧିକମାତ୍ରାରେ ରହିଥିଲା କିନ୍ତୁ ଇସ୍‌ଲାମ୍ ପ୍ରତି ଶତୃତା ତାଙ୍କୁ ଏଥିରେ ଆହୁରି ଅଧିକ କଠୋର କରିଦେଇଥିଲା ।

ସୁତରାଂ ସେ ଗରୀବ ଓ ଦୁର୍ବଳ ମୁସଲମାନମାନଙ୍କୁ ଅତି ନିର୍ମମଭାବେର କଷଣ ଦେଉଥିଲେ କିନ୍ତୁ ଯେତେବେଳେ ସେ ଅତ୍ୟାଚାର କରି କରି ଥକି ପଡ଼ିଲେ ସେତେବେଳେ ସେ ଚିନ୍ତା କଲେ କି ଏହି ସମସ୍ୟାର ମୁଳ ଅର୍ଥାତ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ହିଁ ହତ୍ୟା କରିଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ । ଅତଏବ ସେ ତରବାରୀକୁ ସାଥିରେ ନେଇ ଘରୁ ବାହାରିଲେ ଏବଂ ହଜୁର ସ:ଆ:ସଙ୍କୁ ଖୋଜି ବୁଲିଲେ । ରାସ୍ତାରେ ଜଣେ ତାଙ୍କୁ ଏକ ମୁକୁଳା ଖଡ୍ଗ ଧାରଣ କରିଥିବା ଅବସ୍ଥାରେ ଦେଖି ପଚାରିଲେ । ଉମର୍ କୁଆଡ଼େ ଯାଉଛ ? ସେ ଉତର ଦେଲେ ମୁହମ୍ମଦ ସ:ଆ:ସଙ୍କ କାମ ତମାମ୍ କରିବାକୁ ଯାଉଛି । ପୁନଶ୍ଚ ସେ କହିଲେ ତୁମେ ତାଙ୍କୁ ହତ୍ୟା କରି ବନୁ ଅବଦୁଲ୍ ମନାଫଙ୍କ କବଳରୁ ସୁରକ୍ଷିତ ରହିପାରିବ ? ଟିକିଏ ନିଜ ଘରର ତ ଖବର ନିଅ ତୁମ ଭଉଣୀ ଓ ଭିଣୋଇ ମୁସଲମାନ ହୋଇଗଲେଣି । ଏହା ଶୁଣି ହଜ୍‌ରତ୍ ଉମର୍ ସଙ୍ଗେ ସଙ୍ଗେ ନିଜର ମାର୍ଗ ପରିବର୍ତନ କରି ତାଙ୍କ ଭଗିନୀ ଫାତିମାଙ୍କ ଘର ଆଡ଼କୁ ଚାଲିଲେ । ଯେତେବେଳେ ଘର ନିକଟରେ ପହଂଚିଲେ ସେତେବେଳେ ଭିତରୁ ପବିତ୍ର କୋରାନ୍ ର ପଂକ୍ତି ଆବୃତି କରାଯାଉଥିବାର ସ୍ୱର ଶୁଣିବାକୁ ପାଇଲେ । ଯାହାକି ହଜ୍‌ରତ୍ ଖବାବ୍ ର:ଅ ଆବୃତି କରୁଥିଲେ । ଏହା ଶୁଣି ତାଙ୍କ କ୍ରୋଧ ଆହୁରି ଜର୍ଜରିତ ହୋଇଉଠିଲା । ତେଣୁ ସେ ତିବ୍ରତାର ସହ ଘରେ ପ୍ରବେଶ କଲେ । କିନ୍ତୁ ତାହା ପୂର୍ବରୁ ଖବାବ୍ କେଉଁଠାରେ ଲୁଚିଯାଇଥିଲେ ଏବଂ ଫାତିମା କୋରାନ୍‌ର ନଥିପତ୍ରମାନ ଲୁଚାଇ ଦେଇଥିଲେ । ହଜ୍‌ରତ୍ ଉମର୍ ଘରେ ଦାଖଲ ହୋଇ ଚିତ୍କାର କରି କହିଲେ ମୁଁ ଶୁଣିବାକୁ ପାଇଲି କି ତୁମେ ନିଜ ଧର୍ମ ପରିବର୍ତନ କରିଦେଇଛ ଏଥିସହିତ ନିଜ ଭିଣୋଇ ସଇଦ୍ ବିନ୍ ଜୈଦ୍‌ଙ୍କ ସହ ଲଢ଼ିବାକୁ ଲାଗିଲେ । କିନ୍ତୁ ଫାତିମା ନିଜ ସ୍ୱାମୀଙ୍କୁ ରକ୍ଷା କରିବାପାଇଁ ସେମାନଙ୍କ ମଧ୍ୟକୁ ଚାଲିଆସିଲେ ଯଦ୍ୱାରା ସେ ମଧ୍ୟ କ୍ଷତାକ୍ତ ହେଲେ ତଥାପି ସେ ଅତି ଦମ୍ଭ ସାହାସର ସହିତ କହିଲେ: ଉମର୍ ଆମେ ମୁସଲମାନ ହୋଇସାରିଛୁ । ବର୍ତମାନ ତୁମଦ୍ୱାରା ଯାହା ସମ୍ଭବ ତାହା କରିଦିଅ କିନ୍ତୁ ଜାଣି ରଖ ଆମେ ଇସ୍‌ଲାମ୍ ଛାଡ଼ିବୁ ନାହିଁ । ହଜ୍‌ରତ୍ ଉମର୍‌ଙ୍କ ସ୍ୱଭାବରେ କଠୋରତା ଥିଲା ସତ  କିନ୍ତୁ ଇତିମଧ୍ୟରେ କୌଣସି କଣରେ ପ୍ରେମ ଓ ନମ୍ରତା ମଧ୍ୟ ଲୁଚି ରହିଥିଲା ଯାହାକି କେତେକ ସମୟରେ ନିଜର ଝଲକ ଦେଖାଉଥିଲା । ନିଜ ଭଉଣୀର ଦାମ୍ଭିକ ଓ ସାହାସପୂର୍ଣ୍ଣ ଉକ୍ତି ଶୁଣି ଯେତେବେଳେ ସେ ନଜର ଉଠାଇ ଦେଖିଲେ ସେତେବେଳେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ପାଇଲେ । ଏହି ଦୃଶ୍ୟ ଉମର୍‌ଙ୍କ ହୃଦୟରେ ଏକ ବିଶେଷ ପ୍ରଭାବ ପକାଇଲା । କିଛି କ୍ଷଣ ନୀରବ ରହିବା ପରେ ଭଉଣୀକୁ କହିଲେ ମତେ ସେହି ନଥିପତ୍ର ଦେଖାଅ ଯାହା ତୁମେ ପାଠ କରୁଥିଲ । ଫାତିମା ପ୍ରତି ଉତରରେ କହିଲେ ମୁଁ ତାହା ତୁମକୁ ଦେଖାଇବି ନାହିଁ କାରଣ ତୁମେ ତାହାକୁ ନଷ୍ଟ କରିଦେବ । ଉମର୍ ଉତର ଦେଲେ ନା' ମୁଁ ଏପରି କରିବି ନାହିଁ, ମତେ ଦେଖାଅ ମୁଁ ଦେଖିକି ତୁମକୁ ଫେରସ୍ତ କରିଦେବି । ଫାତିମା ପୁନଶ୍ଚ କହିଲେ ତୁମେ ଅପବିତ୍ର ଅଛ, ଏବଂ ପବିତ୍ର କୋରାନ୍ ପବିତ୍ର ଅବସ୍ଥାରେ ସ୍ପର୍ଶ କରିବା ଉଚିତ । ତେଣୁ ତୁମେ ପ୍ରଥମେ ସ୍ନାନ କରିଆସ, ତା'ପରେ ମୁଁ ତୁମକୁ ପବିତ୍ର କୋରାନ୍ ଦେଖାଇବି ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି: ଏପରି କହିବାରେ ସମ୍ଭବତଃ ଫାତିମାଙ୍କ ଉଦ୍ଦେଶ୍ୟ ଏହା ରହିଥାଇ ପାରେ କି ସ୍ନାନ କରିବା ଦ୍ୱାରା ଉମର୍‌ଙ୍କ କ୍ରୋଧ ସାନ୍ତ ହୋଇଯିବ ଏବଂ ସେ ଥଣ୍ଡାରେ ଉକ୍ତ ପଂକ୍ତି ଉପରେ ଚିନ୍ତନ କରିବା ଯୋଗ୍ୟ ହୋଇପାରିବେ । ତେବେ ଯେତେବେଳେ ସେ ସ୍ନାନ କରିଆସିଲେ ଫାତିମା ତାଙ୍କୁ ଉକ୍ତ ନଥିପତ୍ର କାଢ଼ିକି ଦେଲେ ଯାହାକି ସୁରେଃ ତାହାର ପ୍ରାରମ୍ଭିକ ପଂକ୍ତି ଥିଲା । ହଜ୍‌ରତ୍ ଉମର୍ ତାହାକୁ ଏକ ପ୍ରଭାବିତ ହୃଦୟର ସହ ଅଧ୍ୟୟନ କରିବା ଆରମ୍ଭ କରିଦେଲେ ଏବଂ ତାହାର ଗୋଟି ଗୋଟି ଶବ୍ଦ ତାଙ୍କ ହୃଦୟରେ ବସା ବାନ୍ଧିସାରିଥିଲା । ଯେତେବେଳେ ସେ ଏହି ପଂକ୍ତିରେ ପହଂଚିଲେ **ଇନ୍ନନି ଅନଲ୍ଲାହୁ ଲା ଇଲାହା ଇଲ୍ଲା ଆନା ଫାବୁଦ୍‌ନି ୱ ଅକିମୁସ୍ ସଲାତା ଲି ଜିକ୍‌ରି............ ବିମା ତସ୍‌ଆ** (ତାହା: ୧୫-୧୬) ଅର୍ଥାତ ଆମ୍ଭେ ବାସ୍ତବରେ ଅଲ୍ଲାଃ ଅଟୁ ଆମ୍ଭ ବ୍ୟତିତ କେହି ଉପାସ୍ୟ ନାହିଁ ସୁତରାଂ ତୁମ୍ଭେ ଆମ୍ଭର ହିଁ ଉପାସନା କର ଏବଂ ଆମ୍ଭର ସ୍ମରଣ ସକାଶେ ନମାଜ ପାଠ କର ବାସ୍ତବରେ ସେହି ସମୟ ଆସୁଅଛି ଆମ୍ଭେ ଶିଘ୍ର ତାହାକୁ ପ୍ରକାଶ କରିଦେବୁ ଯଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ କର୍ମ ଅନୁଯାୟୁ ପୁରସ୍କାର ପ୍ରଦାନ କରାଯିବ । ଯେତେବେଳେ ହଜ୍‌ରତ୍ ଉମର୍ ଏହି ପଂକ୍ତି ପାଠ କଲେ । ସେତେବେଳେ ତାଙ୍କ ଆଖି ଖୋଲିଗଲା ଏବଂ ଶୋଇ ରହିଥିବା ମଣିଷଟା ଯେପରି ଜାଗି ଉଠିଲା ଏବଂ ସେ ସହସା କହିଉଠିଲେ ଏହା କିଭଳି ଅଭୁତପୂର୍ଣ୍ଣ ଓ ପବିତ୍ର କଲାମ୍ ଅଟେ । ଖବାବ୍ ର:ଅ ତାଙ୍କର ଏହି ଉକ୍ତି ଶୁଣିବାମାତ୍ରେ ବାହାରି ଆସିଲେ ଏବଂ ଐଶ୍ୱରର୍ଯ୍ୟମୟ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ ଏହା ହଜୁର ସ:ଆ:ସଙ୍କ ଦୁଆର ପ୍ରତିଫଳ ଅଲ୍ଲାଃଙ୍କ ରାଣ କାଲି ହିଁ ମୁଁ ହଜୁର ସ:ଆ:ସଙ୍କୁ ଏହି ଦୁଆ କରୁଥିବାର ଶୁଣୁଥିଲି କି ହେ ଅଲ୍ଲାଃ ଉମର୍ ବିନ୍ ଖତାବ୍ ଓ ଉମର୍ ବିନ୍ ହୁଶାମ୍ ତଥା ଅବୁଜହଲ୍‌ଙ୍କ ମଧ୍ୟରୁ ଜଣକୁ ଇସ୍‌ଲାମ୍‌ର ଧ୍ୱଜା ତଳକୁ ନେଇ ଆସ । ହଜ୍‌ରତ୍ ଉମର୍ ର:ଅଙ୍କ ଏଭଳି ସ୍ୱଷ୍ଟୋକ୍ତି ପରେ ଗୋଟିଏ ମୁହୁର୍ତ ସେଠାରେ ଅଟକି ରହିବା ତାଙ୍କ ପାଇଁ କଷ୍ଟକର ଥିଲା । ତେଣୁ ସେ ଆଉ କାଳବିଳମ୍ବ ନ କରି ମତେ କୁହ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କେଉଁଠାରେ ମିଳିବେ ? କିନ୍ତୁ ସେ କିଛି ଏଭଳି ନିୟନ୍ତ୍ରଣରୁ ବାହାର ହୋଇ ହସ୍ତରେ ମୁକୁଳା ଖଡ୍ଗ ଧରି ରଖିଥିଲେ ଯାହାର ତାଙ୍କୁ ହିଁ ଜ୍ଞାନ ନଥିଲା । ଅତଏବ ଖବାବ୍ ର:ଅ ତାଙ୍କୁ ହଜୁର ସ:ଆ:ସଙ୍କ ଠିକଣା ଦେଲେ । ହଜ୍‌ରତ୍ ଉମର୍ ସେଠାରେ ପହଂଚି ଜୋର୍ ଜୋର୍‌ରେ କବାଟ ବାଡ଼େଇଲେ, ସାହାବା କବାଟ ଜ୍ୱଳାରେ ଉମର୍‌ଙ୍କୁ ମୁକୁଳା ଖଡ୍ଗ ଧରିଥିବାର ଦେଖି ଦ୍ୱାର ଖୋଲିବାରେ ବିଳମ୍ବ କଲେ । କିନ୍ତୁ ହଜୁର ସ:ଆ:ସ କହିଲେ ଦ୍ୱାର ଖୋଲିଦିଅ ହଜ୍‌ରତ୍ ହମ୍‌ଜାଃ ମଧ୍ୟ ସେମାନଙ୍କ ଗହଣରେ ଉପସ୍ଥିତ ଥିଲେ ଏବଂ ସେ ମଧ୍ୟ ସମାନ କଥା କହିଲେ କି ଯଦି ଉମର୍ ସ୍ୱଚ୍ଛ ମନର ସହ ଆସିଥିବେ ତେବେ ଠିକ୍ ନଚେତ ତାଙ୍କରି ଖଡ୍ଗରେ ତାଙ୍କରି ଶିର ଛେଦ୍ କରିଦେବି । ସେ ଯାହା ହେଉ ଦ୍ୱାର ଖୋଲାଗଲା ଉମର୍ ମୁକୁଳା ଖଡ୍ଗ ନେଇ ଭିତରକୁ ପ୍ରବେଶ କଲେ ତାଙ୍କୁ ଦେଖି ହଜୁର ସ:ଆ:ସ ଆଗକୁ ବଢ଼ି ତାଙ୍କ ହାତକୁ ଧରି ଦୋହଲାଇ ଦେଇ କହିଲେ କେଉଁ ଉଦ୍ଦେଶ୍ୟରେ ଆସିଛ ଉମର୍ ? ଅଲ୍ଲାଃଙ୍କ ରାଣ ମୁଁ ଦେଖୁଅଛି ତୁମେ ପ୍ରଭୁଙ୍କ ଶାସ୍ତିରୁ ଭାଗ ନେବାପାଇଁ ଗଢ଼ା ହୋଇନାହଁ । ଉମର୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ମୁସଲମାନ ହେବାକୁ ଆସିଅଛି । ଏକଥା ଶୁଣି ହଜୁର ସ:ଆ:ସ ଆନନ୍ଦରେ ବିହ୍ୱୋଳିତ ହୋଇ କହି ଉଠିଲେ, ଅଲ୍ଲାଃ ହୁ ଅକ୍‌ବର୍ ଏଥି ସହିତ ସାହାବାମାନେ ମଧ୍ୟ ଏଭଳି ନାରା (ସ୍ଲୋଗାନ) ଉଚାରିତ କରିବାକୁ ଲାଗିଲେ କି ମକ୍କାର ପର୍ବତମାନ ଗୁଞ୍ଜରିତ ହୋଇଉଠିଲା ।

*(ସିରତ୍ ଖାତ୍‌ମୁନ୍ ନବିୟିନ୍......... ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ପୃ-୧୫୭-୧୫୯)*

ହଜ୍‌ରତ୍ ଖବାବ୍ ବର୍ଣ୍ଣନା କରନ୍ତି, ଏକଦା ମୁଁ ହଜୁର ସ:ଆ:ସ ନିଜ ଅନ୍ତରର ବେଦନା ପ୍ରକାଶ କଲୁ । ସେତେବେଳେ ଆପଣ ସ:ଆ:ସ କାବା ଛାଇ ତଳେ ନିଜ ଚଦରରେ ଆଉଜି ବସିଥିଲେ । ଆମେ ହଜୁର ସ:ଆ:ସଙ୍କ ସେବାରେ ନିବେଦନ କଲୁ କି, ହେ ହଜୁର ପ୍ରଭୁଙ୍କ ଶରଣେ ଆମ ସକାଶେ ସାହାଯ୍ୟ ପାଇବା ପାଇଁ କାମନା କରିବେ ନାହିଁ  ଯେତେବେଳେ କି ଆମକୁ ଅସହ୍ୟ ଓ ଅତି ଉତ୍କଟ ପରିସ୍ଥିତିରେ ଅତିକ୍ରମ କରିବାକୁ ପଡୁଅଛି । ହଜୁର ସ:ଆ:ସ କହିଲେ ତୁମମାନଙ୍କ ପୂର୍ବରୁ ଯିଏ ଏହି ଧରାପୃଷ୍ଠରୁ ବିଦାୟ ନେଇ ଗଲେଣି ସେମାନଙ୍କ ମଧ୍ୟରୁ ଜଣଙ୍କ ପାଇଁ ଗର୍ତ ଖୋଲି ତାହାକୁ ଜୀବିତ ପୋତି ଦିଆଯାଇଥିଲା । ପୁଣି ଆରୀରେ ତାହାର ମୁଣ୍ଡକୁ ଦୁଇଖଣ୍ଡ କରିଦିଆଯାଉଥିଲା ଏବଂ ଲୌହ ନିର୍ମିତ ପାନିଆରେ ତାହା ଶରୀରକୁ ଆଂଚୁଡ଼ି ଅସ୍ଥିରୁ ମାଂସ ଅଲଗା କରିଦିଆଯାଉଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ତାହାକୁ ତା'ର ଧର୍ମରୁ ଲୋକେ ବିଚ୍ୟୁତ କରିପାରିନଥିଲେ । ପୁନଶ୍ଚ ଆପଣ କହିଲେ ଅଲ୍ଲାଃଙ୍କ ରାଣ ଅଲ୍ଲାଃ ମୋର ମିଶନ୍‌କୁ ନିଶ୍ଚୟ ବିଜୟ ମଣ୍ଡିତ କରିବେ ଏବଂ ମୋର ଆଗମନକୁ ସଫଳ କରିବେ ଅନୁକୁଳ ପରିସ୍ଥିତି ମଧ୍ୟ ଆସିବ ହଜୁର ଆହୁରି କହିଲେ ଏପରିକି ଜଣେ ଆରୋହଣକାରୀ ସନା ଓ ହଜ୍‌ରେ ମୌତ୍ ପର୍ଯ୍ୟନ୍ତ ଯାତ୍ରା କରିବ । ଉଭୟେ ୟମନ୍ ଦେଶର ଦୁଇଟି ସହର ଅଟନ୍ତି ଏବଂ ତହିଁ ମଧ୍ୟରେ ଦୁରତା ୨ଶହ ୧୬ ମାଇଲ ଅଟେ । ତେବେ ସେ ଯାହା ହେଉ ଆପଣ କହିଲେ ସେ ଯାତ୍ରା କରିବ ଏବଂ ତାହାକୁ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାରି ଭୟ ନଥିବ ଅବା ଏପରି କହିଲେ କି ନା ତାହାକୁ ନିଜ ଛେଳିମାନଙ୍କୁ ଗଧିଆ ଖାଇଯିବାର ଭୟ ଘାରୁଥିବ । କିନ୍ତୁ ତୁମେମାନେ ଅଧିର ଓ ବ୍ୟଗ୍ର ହେଉଅଛ ଏ ସବୁ ଉପଯୁକ୍ତ ସମୟରେ ପ୍ରକାଶ ପାଇବ । ଏହା ବୁଖାରୀରେ ବର୍ଣ୍ଣିତ ରହିଛି ।

*(ସହି ବୁଖାରୀ କିତାବୁଲ୍ ମନାକିବ୍.......... ହଦିସ୍ ନଂ- ୩୬୧୨) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨, ପୃ-୩୧୧...... ବେରୁତ)*

ଆଉ ଏକ ସ୍ଥାନରେ ଦରଜ ରହିଛି ହଜ୍‌ରତ୍ ଖବାବ୍ ବର୍ଣ୍ଣନା କରନ୍ତି ମୁଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି । ଆପଣ ଏକ ବୃକ୍ଷ ତଳେ ବିଶ୍ରାମ କରୁଥିଲେ ଏବଂ ନିଜ ପବିତ୍ର ହସ୍ତ ମୁଣ୍ଡତଳେ ଦେଇଥିଲେ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ଆମପାଇଁ ଦୁଆ କରିବେ ନାହିଁ କି ପ୍ରଭୁ ଆମଠାରୁ ଏହି ଭୟଙ୍କର ଅବସ୍ଥାକୁ ଦୁର କରି ଦିଅନ୍ତୁ । ଯେତେବେଳେ କି ଆମେ ଧର୍ମଛଡ଼ା ହେବାର ଭୟ ରଖୁଅଛୁ । ହଜୁର ମୋଠାରୁ ନିଜ ଚେହେରା ତିନିଥର ଫେରାଇ ନେଲେ ଅର୍ଥାତ ଯେତେଥର ମୁଁ ଆପଣଙ୍କୁ ଏକଥା କହିଲି ଆପଣ ନିଜ ପବିତ୍ର ମୁଖ ଅପରପାର୍ଶ୍ୱକୁ ବୁଲାଇ ନେଉଥିଲେ । ତୃତୀୟ ଥର ଆପଣ ଉଠି ବସି ପଡ଼ିଲେ ଏବଂ କହିଲେ ହେ ଲୋକମାନେ ପ୍ରଭୁଙ୍କୁ ଭୟ କର ଓ ଧୈର୍ଯ୍ୟ ରକ୍ଷାକର ପ୍ରଭୁଙ୍କ ରାଣ ତୁମ ପୂର୍ବରୁ ଅଲ୍ଲାଃଙ୍କ ଏଭଳି ପୂଣ୍ୟବାନ ବ୍ୟକ୍ତି ଆସିଛନ୍ତି । ଯାହାଙ୍କ ମୁଣ୍ଡ ଉପରେ ଆରୀ ରଖିଦିଆଯାଇଥିଲା ଏବଂ ସେମାନଙ୍କୁ ଦୁଇଖଣ୍ଡ କରିଦିଆଯାଇଥିଲା । ତଥାପି ସେମାନେ ସତ୍‌ଧର୍ମ ଉପରେ ପ୍ରତିଷ୍ଠିତ ରହିଥିଲେ । ଅଲ୍ଲାଃଙ୍କ ଭୟ ହୃଦୟରେ ସ୍ଥାନ ଦିଅ ଦେଖ ସେ ପ୍ରଭୁ ହିଁ ତୁମର ମାର୍ଗ ସମତୁଳ କରିବେ ଏବଂ ତୁମ ମନସ୍କାମନା ପୁରଣ କରିବେ । ହଜ୍‌ରତ୍ ଖବାବ୍ କୁହନ୍ତି ମୁଁ ଜଣେ କମାର ବ୍ୟକ୍ତି ଏବଂ ଆସ୍ ବିନ୍ ୱାଇଲ୍ ଅଧିନରେ ଥିଲି । ମୁଁ ତାହା ନିକଟକୁ ନିଜ କରଜ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ପରିଶୋଧ କରିବାକୁ ଆସିଲି ତ ସେ କହିଲା ମୁଁ ତତେ କଦାପି ମୁକ୍ତ କରିବି ନାହିଁ । ଯେପର୍ଯ୍ୟନ୍ତ କି ତୁ ମୁହମ୍ମଦଙ୍କର ଅମାନ୍ୟ ଓ ଅସ୍ୱୀକାର କରିନାହୁଁ ଏବଂ ଏହା ଘୋଷଣା କରିନାହୁଁ କି ମୁଁ ମୁହମ୍ମଦଙ୍କ ବୟତ ଭିତରୁ ନିଜକୁ ବାହାର କରୁଅଛି ।

ହଜ୍‌ରତ୍ ଖବାବ୍ କୁହନ୍ତି ମୁଁ ତାଙ୍କୁ କହିଲି ମୁଁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କର କଦାପି ଅସ୍ୱୀକାର କରିବି ନାହିଁ । ଏପରିକି ତୁମେ ମୃତ୍ୟୁବରଣ କରି ପୁର୍ନଜିବିତ ମଧ୍ୟ ହୋଇଯାଅ ଅର୍ଥାତ ଏହା ଅସମ୍ଭବ ଯେ ମୁଁ ଅସ୍ୱୀକାର କରିବି । ସେ ପ୍ରତିଉତରରେ କହିଲା ଯଦି ମୁଁ ମରି ପୁର୍ନଜୀବିତ ହୁଏ ଏବଂ ନିଜ ଧନସମ୍ପତି ଓ ସନ୍ତାନ ନିକଟକୁ ଫେରିଆସେ ସେତେବେଳେ ମୁଁ ତୁମର କରଜ ପରିଶୋଧ କରିଦେବି । ଅର୍ଥାତ ମୁଁ ମଧ୍ୟ ଦେବିନାହିଁ । ହଜ୍‌ରତ୍ ଖବାବ୍ ର:ଅ କହୁଛନ୍ତି ସେତେବେଳେ ଏହି ପ୍ରସଙ୍ଗରେ ନିମ୍ନ ପଂକ୍ତି ଅବତୀର୍ଣ୍ଣ ହେଲା ।

**ଅଫରାଇତଲ୍ ଲଜ କଫରା............... ଓ୍ୱ ୟାତିନା ଫର୍‌ଦନ୍** (ମରିୟମ୍ : ୭୮-୮୧) ଅର୍ଥାତ କଣ ତୁମେ ସେହି ବ୍ୟକ୍ତିର ଅବସ୍ଥାକୁ ଲକ୍ଷ୍ୟ କରିନାହଁ ଯେ କି ଆମ୍ଭର ନିଦର୍ଶନଗୁଡ଼ିକୁ ଅବିଶ୍ୱାସ କରେ ଓ କହେ ନିଶ୍ଚୟ ମତେ ବହୁତ ଧନ ସମ୍ପତି ଓ ସନ୍ତାନସନ୍ତତି ପ୍ରଦାନ କରାଯିବ କଣ ସେ ଅଦୃଷ୍ଟ ବିଷୟରେ ଅବଗତ ହୋଇଛି ବା ଦୟାବାନ ଅଲ୍ଲାଃଙ୍କଠାରୁ କୌଣସି ଅଙ୍ଗୀକାର ହାସଲ କରିଅଛି । ତାହା କଦାପି ସମ୍ଭବ ନୁହେଁ, ଆମ୍ଭେ ତାହାର ଏହି ବକ୍ତବ୍ୟକୁ ଲିପିବଦ୍ଧ କରିବୁ ଓ ତାହାର ଶାସ୍ତିକୁ ବୃଦ୍ଧି କରିବୁ ଏବଂ ଯେଉଁ ବକ୍ତବ୍ୟ ସଂକ୍ରାନ୍ତରେ ସେ ଗର୍ବ କରୁଅଛି ଆମ୍ଭେ ତାହାର ଉତରାଧିକାରୀ ଏବଂ ସେ ଆମ୍ଭ ନିକଟରେ ଏକାକୀ ଉପସ୍ଥିତ ହେବ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୨୨........... ବେରୁତ ୧୯୯୦)*

ହଜ୍‌ରତ୍ ଖବାବ୍ ଜଣେ କମାର ବ୍ୟକ୍ତି ଥିଲେ ଏବଂ ଖଡ୍ଗ ନିର୍ମାଣ କରୁଥିଲେ । ହଜୁର ସ:ଆ:ସଙ୍କୁ ଅତିଶୟ ଭଲ ପାଉଥିଲେ ଏବଂ ତାଙ୍କ ନିକଟକୁ ଚାଲି ଆସୁଥିଲେ । ଯେତେବେଳେ ତାଙ୍କ ମାଲିକକୁ ଏହାର ଖବର ମିଳିଲା । ସେତେବେଳେ ସେ ଉତପ୍ତ ଲୁହା ତାଙ୍କ ମୁଣ୍ଡ ଉପରେ ରଖିଦେଉଥିଲେ । ସେ ଏହାର ଅଭିଯୋଗ ହଜୁର ସ:ଆ:ସଙ୍କ ନିକଟରେ କରିବାରୁ ହଜୁର ଦୁଆ କଲେ କି ହେ ପ୍ରଭୁ ଖବାବ୍‌ଙ୍କର ସାହାଯ୍ୟ କର ପରିଣାମ ସ୍ୱରୁପ ଇତିହାସ ପୃଷ୍ଠାରେ ଉଲ୍ଲେଖ ଅଛି କି ତାଙ୍କ ମାଲିକାଣୀ ଉମ୍ମେ ଅନ୍‌ମାର୍ ଥିଲେ, ତାହା ମସ୍ତକରେ ଏକ ଏଭଳି ବ୍ୟାଧି ଲାଗିଲା ଯଦ୍ୱାରା ସେ କୁକୁର ପରି ସ୍ୱର ଉଚ୍ଚାରଣ କରୁଥିଲା । ତାଙ୍କୁ ବୈଦ୍ୟମାନେ କହିଲେ କି ତୁମେ ଗରମ ଲୁହାର ଚେଙ୍କ ମୁଣ୍ଡରେ ଲଗାଅ ଅତଏବ ସେ ବାଧ୍ୟ ହୋଇ ଖବାବ୍‌ଙ୍କ ଦ୍ୱାରା ଉତପ୍ତ ଲୁହାର ଚେଙ୍କ ଦେଉଥିଲେ । ଅର୍ଥାତ କମାର ଶାଳରେ ଉତପ୍ତ ହେଉଥିବା ଲୁହାଦ୍ୱାରା ଯେମିତି ଖବାବ୍‌ଙ୍କ ମାଲିକାଣି ଖବାବ୍‌ଙ୍କୁ କଷ୍ଟ ଦେଉଥିଲେ, ସେହିପରି ବିଧିର ବିଧାନ ହେଲା ଯେ ଖବାବ୍ ମାଲିକାଣିର ମୁଣ୍ଡକୁ ଗରମ ଲୁହାରେ ଚେଙ୍କ ଦେଲେ । *(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୮.......... ବେରୁତ ୨୦୦୩)*

ଅବୁ ଲୈଲା କିନ୍‌ଦି ବର୍ଣ୍ଣନା କରନ୍ତି କି, ହଜ୍‌ରତ୍ ଖବାବ୍ ହଜ୍‌ରତ୍ ଉମର୍‌ଙ୍କ ନିକଟରେ ଉପସ୍ଥିତ ହେଲେ, ହଜ୍‌ରତ୍ ଉମର୍ କହିଲେ ମୋ ନିକଟକୁ ଚାଲିଆସ କାରଣ ଏହି ଉପସ୍ଥିତିଙ୍କ ମଧ୍ୟରେ ଅମାର୍ ବିନ୍ ୟାସିର୍‌ଙ୍କ ବ୍ୟତିତ ତୁମଠାରୁ ଅନ୍ୟ କେହି ସମ୍ମାନ ଯୋଗ୍ୟ ନୁହନ୍ତି । ସେତେବେଳେ ସେ ନିଜ ପିଠିରେ ହୋଇଥିବା ଚିହ୍ନ ଓ ଦାଗଗୁଡ଼ିକୁ ଦେଖାଇଲେ ଯାହାକି ଅମାନ୍ୟକାରୀଙ୍କ କଷଣ ଦ୍ୱାରା ତାଙ୍କ ପିଠିରେ ଚିହ୍ନ ହୋଇରହିଥିଲା । ଏହା ତବ୍‌କାତୁଲ୍ କୁବ୍‌ରାରେ ଦରଜ ରହିଛି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୨୨........... ବେରୁତ ୧୯୯୦)*

ଆଉ ଏକ ସ୍ଥାନରେ ନିଜ ଅଂଟାର କ୍ଷତ ଚିହ୍ନ ଦେଖାଇବାର ବିଷୟରେ ଉଲ୍ଲେଖ ରହିଛି । ଯାହାକି ଶୋବି ବର୍ଣ୍ଣନା କରନ୍ତି, କି ହଜ୍‌ରତ୍ ଖବାବ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍‌ଙ୍କ ନିକଟକୁ ଆସିଲେ । ବସ୍ତୁତ୍ୱ ସେ ନିଜ ବସିବା ସ୍ଥାନରେ ତାଙ୍କୁ ବିରାଜିତ କଲେ ଏବଂ କହିଲେ ଭୁପୃଷ୍ଠରେ ବର୍ତମାନ ଆଙ୍କଠାରୁ ବଳି କେହି ମର୍ଯ୍ୟାଦା ପୂର୍ଣ୍ଣବ୍ୟକ୍ତି ନାହାନ୍ତି କେବେଳ ଜଣଙ୍କ ବ୍ୟତିତ । ହଜ୍‌ରତ୍ ଖବାବ୍ କହିଲେ ହେ ଅମୀରୁଲ୍ ମୁମିନିନ୍ ! ସେ କିଏ ? ଉମର୍ କହିଲେ ସେ ବିଲାଲ୍ ଅଟନ୍ତି । ଏଥିରେ ସେ କହିଲେ ହଜୁର ସେ ମୋଠାରୁ ଅଧିକ ମର୍ଯ୍ୟାଦାପୂର୍ଣ୍ଣ ନୁହନ୍ତି କାରଣ ଯେତେବେଳେ ବିଲାଲ୍ ଅମାନ୍ୟକାରୀଙ୍କ ଦ୍ୱାରା ଦୁଃଖ ଓ କଷଣ ଭୋଗ କରୁଥିଲେ ସେତେବେଳେ କେହି ନା କେହି ତାଙ୍କୁ ସାହାଯ୍ୟ କରିଦେଉଥିଲେ । କିନ୍ତୁ ମୋର ସହାୟତା ପାଇଁ କେହି ହାତ ବଢ଼ାଉନଥିଲେ ଯେ କି ମତେ ସେଥିରୁ ସୁରକ୍ଷା ପ୍ରଦାନ କରିଥାନ୍ତା । ଉଲ୍ଲେଖ ରହିଛି କି ଏକଦା ଲୋକେ ଅଗ୍ନୀ ସଂଯୋଗ କଲେ ଏବଂ ସେଥି ମଧ୍ୟକୁ ତାଙ୍କୁ ନିକ୍ଷେପ କଲେ । ହଜ୍‌ରତ୍ ଖବାବ୍ କୁହନ୍ତି ଏକଦା ମୁଁ ଦେଖିଲି କି ଲୋକେ ମତେ ଧରି ନେଲେ ଏବଂ ଅଗ୍ନୀସଂଯୋଗ କଲେ ଓ ତହିଁ ମଧ୍ୟକୁ ମତେ ନିକ୍ଷେପ କରିଦେଲେ । ଆଉ ଜଣେ ମତେ ମୋ ଛାତି ଉପରେ ପାଦ ରଖି ଦଣ୍ଡାୟମାନ ହେଲେ । ସେତେବେଳେ ମୋ ଅଂଟା ହିଁ ମତେ ସେହି ଉତପ୍ତ ଅଗ୍ନୀ ପିଣ୍ଡରୁ ରକ୍ଷା କଲା । ଅବା ଏପରି କହିଲେ କି ମୋ ଅଂଟା ଉତପ୍ତ କୋଇଲାକୁ ଶୀତଳ କଲା । ତା'ପରେ ସେ ନିଜ ପିଠିରୁ ବସ୍ତ୍ର କାଢ଼ି ଦେଖାଇଲେ । ଯାହାକି କୁଷ୍ଟରୋଗ ଭଳି ଧବଳବର୍ଣ୍ଣ ପାଲଟି ଯାଇଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୨୩........... ବେରୁତ ୧୯୯୦)*

ଏହି ପରପ୍ରେକ୍ଷୀରେ ଆଉ ଏକ ବର୍ଣ୍ଣନା ଏଭଳି ଦରଜ ରହିଛି କି ଶୋବି କୁହନ୍ତି କି ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଖବାବ୍‌ଙ୍କୁ ତାଙ୍କ କଠିନ ଦିନମାନଙ୍କ ସମ୍ବନ୍ଧରେ ପଚାରିବାରୁ ସେ କହିଲେ ହେ ଅମୀରୁଲ୍ ମୁମିନିନ୍ ମୋ ପୃଷ୍ଠଦେଶ ଦେଖନ୍ତୁ । ଉମର୍ ତାଙ୍କ ପିଠି ଦେଖି କହି ଉଠିଲେ ମୁଁ ଏଭଳି ପିଠି କାହାରି ଦେଖିନାହିଁ । ହଜ୍‌ରତ୍ ଖବାବ୍ କହିଲେ ଲୋକେ ଅଗ୍ନୀ ସଂଯୋଗ କରନ୍ତି ଓ ତାହା ମଧ୍ୟକୁ ମତେ ନିକ୍ଷେପ କରନ୍ତି ଏବଂ ଉକ୍ତ ଅଗ୍ନୀକୁ ମୋ ପିଠିର ଚର୍ବି ବ୍ୟତିତ ଅନ୍ୟ କୌଣସି ବସ୍ତୁ ବୁଝାଉନଥିଲା । ଅର୍ଥାତ ନିଆଁକୁ ଥଣ୍ଡା କରୁଥିଲା ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୮.......... ବେରୁତ ୨୦୦୩)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି କି ମନେ ରଖିବା ଉଚିତ ଯେ ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣି ଯେଉଁ ଲୋକମାନେ ସବୁଠାରୁ ଅଧିକ କଷ୍ଟ ସହ୍ୟ କରିଥିଲେ । ସେମାନେ କ୍ରୀତାଦାସ ଥିଲେ ଅତଏବ ହଜ୍‌ରତ୍ ଖବାବ୍ ବିନ୍ ଅରତ୍ ଜଣେ କ୍ରୀତଦାସ ଥିଲେ, ସେ କମାର ବୃତି କରୁଥିଲେ ଏବଂ ସେ ପ୍ରଥମ ପର୍ଯ୍ୟାୟରେ ହିଁ ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲେ । ଲୋକେ ତାଙ୍କୁ କଠୋର ଶାସ୍ତି ଦେଉଥିଲେ ଯେ ପର୍ଯ୍ୟନ୍ତ କି ତାଙ୍କରି ଭାଟିରୁ କୋଇଲା କାଢ଼ି ସେହି ଉତପ୍ତ କୋଇଲା ଉପେର ତାଙ୍କୁ ହିଁ ଶୁଆଇ ଦେଉଥିଲେ ଏବଂ ଛାତି ଉପରେ ପଥର ରଖିଦେଉଥିଲେ । ଯେପରି ସେ ଅଂଟା ହଲାଇ ନପାରନ୍ତୁ । ତା' ପାରିଶ୍ରମିକର ଟଙ୍କା ଯେଉଁମାନଙ୍କ ଅଧିନରେ ଥିଲା ସେମାନେ ଟଙ୍କା ଦେବାକୁ ମନା କରିଦେଲେ । ତାଙ୍କର ଏହି ଧନ ଜୀବନ କ୍ଷତି ସତ୍ୱେ ମଧ୍ୟ ସେ ତିଳେ ହେଲେ ବିଚଳିତ ହୋଇନଥିଲେ ଏବଂ ତାଙ୍କ ବିଶ୍ୱାସରେ ମଧ୍ୟ ସାମାନ୍ୟତମ ଦୃବଳତା ପରିଲକ୍ଷିତ ହୋଇନଥିଲା । ତାଙ୍କ ପୁଷ୍ଟଦେଶରେ ଥିବା ଚିହ୍ନଟି ତାଙ୍କ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ବଳବତର ରହିଥିଲା ।

ତେଣୁ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍‌ରେ ସେ ନିଜର ବିଗତ ସମସ୍ତ ଦୁର୍ଦଶାର ବିବରଣୀ ଆଲୋଚନା କଲେ । ସେତେବେଳେ ଉମର୍ ର:ଅ ତାଙ୍କୁ ନିଜ ପିଠ ଦେଖାଇବାକୁ କହିଲେ, ଯେତେବେଳେ ସେ ନିଜ ପିଠି ଉପରୁ କପଡ଼ା ଉଠାଇଲେ ସେତେବେଳେ ତାଙ୍କ ପିଠି ଉପରେ ଏଭଳି ଧଳାବର୍ଣ୍ଣ ରହିଥିଲା ଯାହାକି କୁଷ୍ଟରୋଗ ପରି ପତିତ ହେଉଥିଲା'' ।

*(ହୁନ୍‌ୟା କା ମୁହ୍‌ସିନ୍, ଅନ୍‌ଓ୍ୱାରୁଲ୍ ଉଲୁମ୍...... ଖଣ୍ଡ-୧୦, ପୃ-୨୭୩)*

ପୁନଶ୍ଚ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅନ୍ୟ ଏକ ସ୍ଥାନରେ କୁହନ୍ତି କି ଦିନେ ପ୍ରାରମ୍ଭିକ ପର୍ଯ୍ୟାୟର ନବାଗତ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ଜଣେ ଦାସ ହଜ୍‌ରତ୍ ଖବାବ୍ ର:ଅଙ୍କ ପିଠି ଫୁଙ୍ଗୁଳା ହୋଇଗଲା ସେତେବେଳେ ତାଙ୍କର ସାଥିମାନେ ତାହା ଦେଖିଲେ ତାଙ୍କ ପିଠି ଅନ୍ୟ ମନୁଷ୍ୟମାନଙ୍କ ପରି ନଥିଲା । ବରଂ ଜୀବଜନ୍ତୁଙ୍କ ପରି ପତିତ ହେଉଥିଲା । ସେମାନେ ଘାବରାଇ ଗଲେ ଏବଂ ପ୍ରଶ୍ନ କଲେ କି ଆପଣଙ୍କୁ ଏ କି ରୋଗ ହୋଇଛି ? ହଜ୍‌ରତ୍ ଖବାବ୍ ର:ଅ ସ୍ମିତହସ ମୁଖରେ କହିଲେ କି ତାହା ରୋଗ ନୁହେଁ ବରଂ ତାହା ହେଉଛି ସେହି ସମୟର ସ୍ମୃତି ଚିହ୍ନ ଯେତେବେଳେ ଆମେମାନେ ନବାଗତ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ଦାସମାନଙ୍କୁ ଆରବର ଲୋକମାନେ ମକ୍କାର ଗଳି ଗୁଡ଼ିକରେ ଅତ୍ୟନ୍ତ ନିର୍ଦ୍ଦୟଭାବାର ଏବଂ କର୍କଶ ପଥର ଉପରେ ଘୋଷାଡୁ ଥିଲେ ଏବଂ ସେମାନେ ଆମମାନଙ୍କ ଉପରେ ଅହରହ ଭାବରେ ଅତ୍ୟାଚାର କରୁଥିଲେ । ତାହାର ଫଳ ସ୍ୱରୁପ ମୋ ପିଠିର ଚର୍ମ ଏପରି ପାଲଟି ଯାଇଛି ।

*(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୦. ପୃ-୧୯୩)*

ସେହି ପ୍ରାରମ୍ଭିକ ପର୍ଯ୍ୟାୟର ମୁସଲମାନମାନଙ୍କୁ ଯେଉଁମାନେ କି ଗରିବ ଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକ ଦାସ ମଧ୍ୟ ଥିଲେ ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାପରେ ଯେଉଁ ଦୁଃଖକଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା ଅର୍ଥାତ ଯାହାର ଚର୍ଚ୍ଚା ଆମେମାନେ ଶୁଣିଲେ କି ହଜ୍‌ରତ୍ ଖବାବ୍ ର:ଅଙ୍କ ମାଧମରେ ଯେ ସେମାନଙ୍କୁ କେତେବେଳେ ଅଗ୍ନୀ ଉପରେ ଶୁଆଇ ଦିଆଯାଉଥିଲା ତ ଆଉ କେତେବେଳେ ସେମାନଙ୍କୁ ପଥର ଉପରେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଘୋଷରି ଘୋଷାରି ନିଆଯାଉଥିଲା । ସେମାନେ ଏହି ଯନ୍ତ୍ରଣା ତ ସହ୍ୟ କରିନେଇଥିଲେ ଏବଂ ଯେତେବେଳେ ଇସ୍‌ଲାମ୍ ର ଉନ୍ନତି ହେଲା ସେତେବେଳେ ଅଲ୍ଲାଃ ତାଲା ଏହି ସାହାବାମାନଙ୍କୁ କିଭଳି ପୁରସ୍କୃତ କଲେ ଓ ସେମାନଙ୍କର ସାଂସାରିକ ମର୍ଯ୍ୟାଦାକୁ ମଧ୍ୟ କିଭଳି ଭାବରେ ବଜାୟ ରଖିଲେ ତାହାର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏକ ସ୍ଥାନରେ କୁହନ୍ତି,

ଏକଦା ହଜ୍‌ରତ୍ ଉମର୍ ର:ଅ ନିଜର ଖିଲାଫତ୍ ସମୟରେ ଯେତେବେଳେ ମକ୍କା ଆସିଥିଲେ ସେତେବେଳେ ମକ୍କାର ବଡ଼ ବଡ଼ ପ୍ରଶିଦ୍ଧ ବ୍ୟକ୍ତିମାନେ ଯେଉଁମାନେ ସଂଭ୍ରାନ୍ତ ବଂଶୀୟ ଥିଲେ ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ସାକ୍ଷାତ କରିବାକୁ ଆସିଲେ । ସେମାନେ ଏହା ଭାବିଲେ କି ହଜ୍‌ରତ୍ ଉମର ଆମ ବଂଶ ସହିତ ଭଲଭାବରେ ପରିଚିତ ଏଣୁ ଯେତେବେଳେ ସେ ସ୍ୱୟମଂ ରାଜା ଅଟନ୍ତି, ସେ ନିଶ୍ଚିତରୂପେ ଆମମାନଙ୍କୁ ସମ୍ମାନ ପ୍ରଦାନ କରିବେ । ସୁତରାଂ ସେମାନେ ଆସିଲେ ଓ ସେମାନେ ଉମର୍ ର:ଅ ଙ୍କ ସହିତ କଥାବାର୍ତ୍ତା କରିବା ଆରମ୍ଭ କଲେ, ବର୍ତ୍ତମାନ ସେମାନେ କଥାବାର୍ତ୍ତା ଆରମ୍ଭ କରିଥିଲେ କି ହଜ୍‌ରତ୍ ଉମର୍ ର:ଅଙ୍କ ସଭାରେ ହଜ୍‌ରତ୍ ବିଲାଲ୍ ର:ଅ ଆସି ପହଂଚିଲେ । ଆଉ କିଛି କ୍ଷଣ ପରେ ଖବାବ୍ ର:ଅ ଅସିଲେ ଏହିପରି ଭାବରେ ଗୋଟିକପରେ ଗୋଟିଏ ପ୍ରାରମ୍ଭିକ ପର୍ଯ୍ୟାୟର ଦାସମାନେ ଆସି ପହଂଚିଥିଲେ । ଏମାନେ ସେହି ଲୋକ ଯେଉଁମାନେ ଲବ୍ଧ ପ୍ରତିଷ୍ଠିତ ନେତା କିମ୍ବା ସେମାନଙ୍କ ପୂର୍ବ ପୁରୁଷମାନଙ୍କର କ୍ରୀତଦାସ ଥିଲେ ଯେତେବେଳେ ସେହି ଧନୀକ ତଥା ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିମାନେ ସେମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରୁଥିଲେ । ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟେକ ଆଗତ ଦାସଙ୍କୁ ସ୍ୱାଗତ ଜଣାଇଲେ ଅର୍ଥାତ ଯେତେବେଳେ ବି ଏହି ଦାସମାନେ ଉମର୍ ର:ଅଙ୍କ ନିକଟକୁ ଆସିଲେ ଅର୍ଥାତ ବିଲାଲ୍, ଖବାବ୍ ର:ଅ ଆଦି ଦାସମାନେ, ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ ବିଶେଷ ମର୍ଯ୍ୟଦା ପ୍ରଦାନ କରୁଥିଲେ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି କି ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟେକ ଆଗତ ଦାସଙ୍କୁ ସ୍ୱାଗତ ଜଣାଇଲେ ଓ ସେହି ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ କହିଲେ କି ଆପଣ ଟିକେ ପଛକୁ ଘୁଚିଂ ଯାଆନ୍ତୁ ଯେତେବେଳେ ଏହି ପ୍ରାରମ୍ଭିକ ପର୍ଯ୍ୟାୟର ବିଶ୍ୱାସ ଆଣିଥିବା ମୁସଲମାନ ଦାସମାନେ ସଭାକୁ ଆସୁଥିଲେ ସେତେବେଳେ ରଉସା ଅର୍ଥାତ ପ୍ରତିଷ୍ଠିତ ବ୍ୟକ୍ତିମାନେ ସଭାର ପ୍ରଥମ ଧାଡ଼ିରେ ବସିଥିଲେ ଓ ଏମାନଙ୍କୁ ଅର୍ଥାତ ଏହି କ୍ରୀତଦାସମାନଙ୍କୁ ଆଗକୁ ବସିବାକୁ ହଜ୍‌ରତ୍ ଉମର୍ କହିଥିଲେ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ପଛକୁ ଘୁଂଚାଇ ଦେଇଥିଲେ ଏପରି ସେହି ଯୁବ ରୋଉସାମାନେ, ଯେଉଁମାନେ ଉମର୍‌ଙ୍କୁ ସାକ୍ଷାତ କରିବାକୁ ଆସିଥିଲେ ସେମାନେ ଉମରଙ୍କ ନିର୍ଦ୍ଦେଶ କ୍ରମେ ଘୁଂଚି ଘୁଂଚି କବାଟ ପର୍ଯ୍ୟନ୍ତ ପହଂଚିଗଲେ । ସେହି ଯୁଗରେ ସଭାକାର୍ଯ୍ୟ କୌଣସି ବଡ଼ ବଡ଼ ମହଲ ମଧ୍ୟରେ ହେଉ ନଥିଲା ବରଂ ଏକ ଛୋଟ କୋଠରୀ ଥିଲା । ଯେଉଁଠାରେ ସେମାନେ ବିରାଜମାନ ଥିଲେ ତେଣୁ ସେହି ସମସ୍ତ ସାହାବାମାନେ ସେହି କୋଠରୀରେ ଆସିପାରୁନଥିଲେ ତେଣୁ ସେହି ଧର୍ନାଢ଼୍ୟର ରଉସାମାନଙ୍କୁ ଶେଷରେ ଜୋତା, ଚପଲ ଉପରେ ବସିବାକୁ ପଡ଼ିଥିଲା । ଯେତେବେଳେ ମକ୍କାର ସେହି ଧର୍ନାଢ଼୍ୟ ବ୍ୟକ୍ତି ସେହି ଜୋତା, ଚପଲ ଉପରେ ଯାଇ ବସିଲେ ଏବଂ ସେମାନେ ସ୍ୱଚକ୍ଷୁ ରେ ଦେଖିଲେ କିଭଳି ଭାବରେ ଗୋଟିକ ପରେ ଗୋଟିଏ ଦାସ ଆସିଲେ ଓ ସେମାନଙ୍କୁ ଆସନ ଦେବାକୁ ଯାଇ ଆମ୍ଭମାନଙ୍କୁ ପଛକୁ ଘୁଂଚାଇ ଦେବାର ଆଦେଶ ଦିଅଗଲା । ସେତେବେଳେ ସେମାନେ ବ୍ୟତିବ୍ୟସ୍ତ ହୋଇ ଉଠିଲେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଅଲ୍ଲାଃ ତାଲା ମଧ୍ୟ ସେତେବେଳେ ଏଭଳି ଅନୁକୁଳ ପରିସ୍ଥିତି ସୃଷ୍ଟି କରିଦେଲେ ଯେ ଜଣକପରେ ଜଣେ ଅନେକ ମୁସଲମାନ ସାହାବ ଆସିଥିଲେ ଯେଉଁମାନେ କେଉଁ କାଳରେ ଅବିଶ୍ୱାସକାରୀମାନଙ୍କ ଦାସ ଥିଲେ । ଯଦି ସେହି ଧର୍ନାଢ଼୍ୟ ବ୍ୟକ୍ତିମାନେ ଏକାଥରକେ ପଛକେ ଘୁଂଚି ଯାଇଥାନ୍ତେ ତେବେ ସେମାନେ ଏହା ଅନୁଭବ କରିପାରିନଥାନ୍ତେ କିନ୍ତୁ ବାରମ୍ବାର ସେମାନଙ୍କୁ ପଛକୁ ଘୁଂଚିବାକୁ ପଡ଼ିଥିଲା । ଯଦ୍ୱାରା ସେମାନେ ଏହି କଥାକୁ ସହ୍ୟ ନକରିପାରି ସଭାରୁ ଉଠି ବାହାରକୁ ଚାଲି ଆସିଥିଲେ । ବାହାରକୁ ଆସି ସେମାନେ ପରସ୍ପର ଅଭିମାନ କରିବାକୁ ଲାଗିଲେ, ଯେ ଦେଖ ଆଜି ଆମର କିପରି ତିରସ୍କାର ହୋଇଛି । ଜଣେ ଜଣେ ଦାସର ଆଗମନରେ ଆମକୁ ପଛକୁ ହଟାଇ ଦିଆଯାଇଛି ଏପରିକି ଆମେ ଜୋତା ଉପରେ ଯାଇ ବସିଥିଲୁ । ଏହା ଶୁଣି ସେମାନଙ୍କ ମଧ୍ୟରୁ ଜଣେ ଯୁବକ କହିଲା କି ଏଥିରେ କାହାର ଦୋଷ ରହିଛି ? ଉମର ର:ଅଙ୍କର ନା ଆମ ପୂର୍ବଜମାନଙ୍କର । ଯଦି ତୁମେମାନେ ଚିନ୍ତା କର ତେବେ ତୁମେମାନେ ଜାଣିପାରିବ ଯେ ଏଥିରେ ଉମର୍ ର:ଅଙ୍କ କୌଣସି ଦୋଷ ନାହିଁ । ବରଂ ଏଥିରେ ଆମମାନଙ୍କ ପୂର୍ବଜମାନଙ୍କର ହିଁ ଦୋଷ ରହିଛି ଯାହାର ଦଣ୍ଡ ଆଜି ଆମେ ଭୋଗ କଲେ । କାରଣ ଅଲ୍ଲାଃ ତାଲା ଯେତେବେଳେ ନିଜର ଅବତାରଙ୍କୁ ପ୍ରେରଣ କରିଥିଲେ ସେତେବେଳେ ଆମମାନଙ୍କର ପୂର୍ବପୁରୁଷମାନେ ହିଁ ତାଙ୍କର ବିରୋଧ କରିଥିଲେ । କିନ୍ତୁ କ୍ରୀତାଦାସମାନେ ତାଙ୍କୁ ଆଦରି ନେଇଥିଲେ ଓ ତାଙ୍କର ସ୍ୱୀକାର କରିଥିଲେ ଓ ଏଥିପାଇଁ ସେମାନେ ଦୁଃଖକଷ୍ଟ ମଧ୍ୟ ଆନନ୍ଦର ସହ ସହ୍ୟ କରିଥିଲେ । ଅତଃ ଆଜି ଯଦି ଆମମାନଙ୍କୁ ତିରସ୍କୃତ ହେବାକୁ ପଡ଼ିଛି ତେବେ ଏଥିରେ ହଜ୍‌ରତ୍ ଉମର୍ ର:ଅଙ୍କର କୌଣସି ଦୋଷ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ନାହିଁ ବରଂ ଏଥିରେ ଆମମାନଙ୍କର ହିଁ ତ୍ରୁଟି ରହିଛି । ସେହି ଯୁବକଜଣଙ୍କ ଏହି କଥାକୁ ଶୁଣି ଅନ୍ୟବ୍ୟକ୍ତିମାନେ କହିବାକୁ ଲାଗିଲେ ଯେ, ଆମେମାନେ ତ ଏହା ସ୍ୱୀକାର କରିନେଲୁ ଯେ ଏଥିରେ ଆମ ପୂର୍ବଜମାନଙ୍କର ଦୋଷ ରହିଛି କିନ୍ତୁ ଏହି ତିରସ୍କାରର ଦାଗକୁ ଲିଭାଇବାର କୌଣସି ବାଟ ରହିଛି କି ? ପ୍ରତି ଉତ୍ତରରେ ସମସ୍ତେ ପରସ୍ପର ମଧ୍ୟରେ ପରାମର୍ଶ କରିବାକୁ ଲାଗିଲେ କି ବର୍ତମାନ ଏହାର କୌଣସି ପନ୍ଥା ଆମ ମନକୁ ଆସୁନାହିଁ, ଚାଲ ଆମେ ଉମର୍ ର:ଅଙ୍କୁ ଏ ବିଷୟରେ ପଚାରିବା ଯେ ଏହାର ଉପସମ କଣ ? ସୁତରାଂ ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲେ ଏବଂ କହିବାକୁ ଲାଗିଲେ ଯେ ଆଜି ଆମମାନଙ୍କ ସହ ଯାହା ଘଟିଛି ତାହା ସମ୍ପର୍କରେ ଆପଣ ଭଲଭାବରେ ଜାଣନ୍ତି ଓ ଆମେମାନେ ମଧ୍ୟ ଭଲଭାବରେ ଜାଣୁ । ହଜ୍‌ରତ୍ ଉମର୍ ର:ଅ କହିବାକୁ ଲାଗିଲେ କି ମତେ କ୍ଷମା କରିବେ ମୁଁ ଏପରି କରିବାକୁ ବାଧ୍ୟ ଥିଲି କାରଣ ଏମାନେ ସମସ୍ତେ ହେଉଛନ୍ତି ଏପରି ଲୋକେ, ଯେଉଁମାନେ ହଜୁର ସ:ଆ:ସଙ୍କ ସଭାରେ ସମ୍ମାନିତ ହେଉଥିଲେ । ସମ୍ଭବତଃ ସେମାନେ ତୁମମାନଙ୍କର ଦାସ ରହିଥାଇ ପାରନ୍ତି କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଭାରେ ଏମାନେ ସମ୍ମାନୀତ ହେଉଥିଲେ । ଏଣୁ ମୋର ମଧ୍ୟ କର୍ତବ୍ୟ ଥିଲା ଯେ ମୁଁ ମଧ୍ୟ ସେମାନଙ୍କୁ ସମ୍ମାନିତ କରିଥାନ୍ତି । ସେହି ଧର୍ନାଢ଼୍ୟ ବ୍ୟକ୍ତିମାନେ କହିଲେ କି ଆମେମାନେ ଜାଣୁ ଯେ ତାହା ଆମମାନଙ୍କର ହିଁ ଦୋଷର ପରିଣାମ, କିନ୍ତୁ କଣ ଏହି ଲଜ୍ୟାକୁ ଦୁର କରିବାର କୌଣସି ପନ୍ଥା ରହିଛି ?

ହଜ୍‌ରତ୍ ମୁସଲେହ୍ ମଉଦ୍ ର:ଅ କୁହନ୍ତି ଯେ ଆମେମାନେ ତ ଉକ୍ତ କଥାର କଳନା କରିପାରିବା ନାହିଁ ଆଜିକାଲି ତାହାର ଅନୁମାନ ଲଗାଇବା ଅତ୍ୟନ୍ତ ଦୁରୁହ ଅଟେ । କାରଣ ସେହି ବ୍ୟକ୍ତିମାନେ ଏପରି ଲୋକ ଥିଲେ ଯେଉଁମାନେ କି ମକ୍କାର ଅନନ୍ୟ ପ୍ରଭାବଶାଳୀ ତଥା ପ୍ରତିଭାଶାଳୀ ପରି କ୍ଷମତା ସେମାନଙ୍କୁ ପ୍ରାପ୍ତ ଥିଲା ଏବଂ ଅତ୍ୟନ୍ତ ଭୋଗବିଳାସ ର ସହ ସେମାନେ ଜୀବନଯାପନ କରୁଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ବଂଶୀୟ ପରିସ୍ଥିତି ସହିତ ମଧ୍ୟ ଭଲଭାବରେ ପରିଚିତ ଥିଲେ କାରଣ ଉମର୍ ର:ଅ ମକ୍କାରେ ହିଁ ଜନ୍ମଗ୍ରହଣ କରିଥିଲେ ଏବଂ ସେହିଠାରେ ହିଁ ସେ ବଡ଼ ହୋଇଥିଲେ । ଏଣୁ ହଜ୍‌ରତ୍ ଉମର୍ ର:ଅ ଏହା ଜାଣିଥିଲେ ଯେ ଏହି ଯୁବକମାନଙ୍କର ପୂର୍ବପୁରୁଷ କେଉଁଭଳି ସମ୍ମାନର ଅଧିକାରି ଥିଲେ । ହଜ୍‌ରତ୍ ଉମର ର:ଅ ଏହି କଥା ଜାଣିଥିଲେ ଯେ କୌଣସି ବ୍ୟକ୍ତି ତାଙ୍କ ସମ୍ମୁଖରେ ଆଖି ଉପରକୁ କରିବାର ବି ସାହାସ କରିପାରୁନଥିଲା ଏବଂ ସେ ଜାଣିଥିଲେ ଯେ ସେହି ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କୁ କେଉଁଭଳି ପ୍ରଭାବଶାଳୀ କ୍ଷମତା ପ୍ରାପ୍ତ ଥିଲା । ଯେତେବେଳେ ସେମାନେ ଏହିକଥା କହିଲେ ସେତେବେଳେ ହଜ୍‌ରତ୍ ଉମର ର:ଅଙ୍କ ସମ୍ମୁଖରେ ଗୋଟି ଗୋଟି କରି ଏହି ସମସ୍ତ ଘଟଣାବଳୀମାନ ତାଙ୍କ ଆଖି ଆଗରେ ନାଚି ଉଠିଲା ଏବଂ ହଜ୍‌ରତ୍ ଉମର ର:ଅଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇପଡ଼ିଲା ସେତେବେଳେ ସେ ଏହି କୋହକୁ ସମ୍ବରଣ କରି କୌଣସି କଥା କହିପାରିଲେ ନାହିଁ । କେବଳ ହାତ ଉଠାଇଲେ ଏବଂ ଉତର ଦିଗ ଆଡ଼କୁ ଇଙ୍ଗିତ କଲେ ଯାହାର ଅର୍ଥ ଥିଲା କି ଉତର ଦିଗରେ ଅର୍ଥାତ ସିରିଆରେ କେତେକ ଇସଲାମୀୟ ଯୁଦ୍ଧ ହେଉଅଛି । ତେଣୁ ଯଦି ତୁମେମାନେ ସେହି ଯୁଦ୍ଧରେ ସାମିଲ ହୋଇଯାଅ ତେବେ ସମ୍ଭବତଃ ତୁମର ପ୍ରାୟଶ୍ଚିତ ହୋଇପାରିବ । ସୁତରାଂ ସେହି ସମସ୍ତ ଧର୍ନାଢ଼୍ୟ ବ୍ୟକ୍ତିମାନେ ସେଠାରୁ ଉଠିଲେ ଓ ଯଥା ଶିଘ୍ର ସେହି ଯୁଦ୍ଧରେ ସାମିଲ ହେବାପାଇଁ ବାହାରି ପଡ଼ିଲେ ।

ହଜ୍‌ରତ୍ ମୁସଲେହ ମଉଦ୍ ର:ଅ କୁହନ୍ତି, ଇତିହାସ ପୃଷ୍ଠାରେ ଦରଜ ରହିଛି କି ସେହି ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ମଧ୍ୟ ସେଠାରୁ ଫେରିନଥିଲେ । ସେମାନେ ସମସ୍ତେ ସେହି ଯୁଦ୍ଧ ସ୍ଥଳରେ ବୀରଗତି ପ୍ରାପ୍ତ କଲେ ଏବଂ ଏହିପରି ଭାବରେ ସେମାନେ ସେମାନଙ୍କ ନିଜ ବଂଶ ଉପରେ ଲାଗିଥିବା କଳଙ୍କକୁ ଦୁର କରିଥିଲେ ।

*(ତଫ୍‌ସିର୍ କବୀର୍ ଖଣ୍ଡ-୮, ପୃ-୬୫-୬୭)*

ତେଣୁ ଏହି ଘଟଣାରୁ ଏହି ନିଷ୍କର୍ସ ବାହାରେ କି ନିଜ ଉପରେ ଲାଗିଥିବା କଳଙ୍କର ଦାଗକୁ ଲିଭାଇବାକୁ ହେଲେ ଜୀବନ ତ୍ୟାଗ କରିବାକୁ ପଡ଼ିଥାଏ ଏବଂ ଯେଉଁମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ୟାଗ କରିଥିଲେ, ସେମାନଙ୍କୁ ଅବଶ୍ୟ ସମ୍ମାନ ପ୍ରାପ୍ତ ହୋଇଥିଲା ଏବଂ ପରେ ଯେତେବେଳେ ଏହି ଧନାଢ଼୍ୟ ବ୍ୟକ୍ତିମାନେ ଇସ୍‌ଲାମ୍‌ରେ ଦୀକ୍ଷିତ ହେଲେ ସେତେବେଳେ ନିଜ ଉପରେ ଲାଗିଥିବା କଳଙ୍କକୁ ନିଜ ଜୀବନର ଜଳାଞ୍ଜଳି ଦେଇ ହିଁ ଲିଭାଇ ପାରିଥିଲେ ।

ଯେତେବେଳେ ହଜ୍‌ରତ୍ ଖବାବ୍ ଓ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅମାର୍ ର:ଅ ମଦିନାକୁ ହିଜ୍‌ରତ୍ କଲେ ସେତେବେଳେ ସେ ଦୁହେଁ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ଇଲ୍‌ହିଦମ୍‌ଙ୍କ ଘରେ ରହିଥିଲେ ଏବଂ ହଜ୍‌ରତ୍ କୁଲ୍‌ସୁମ୍‌ଙ୍କ ବିୟୋଗ ପର୍ଯ୍ୟନ୍ତ ସେମାନେ ତାଙ୍କ ଘରେ ରହିଥିଲେ । ହଜ୍‌ରତ୍ କୁଲ୍‌ସୁମ୍‌ଙ୍କ ବିୟୋଗ ଆଁ ହଜ୍‌ରତ୍ ସ:ଆ:ସଙ୍କ ବଦର୍ ଅଭିମୁଖେ ବାହାରିବାର କିଛିଦିନ ପୂର୍ବରୁ ହିଁ ହୋଇଥିଲା । ପୁନଶ୍ଚ ସେ ହଜ୍‌ରତ୍ ସାଆଦ୍ ବିନ୍ ଉବାଦାଃଙ୍କ ନକଟକୁ ଚାଲିଯାଇଥିଲେ ଏପରି କି ହିଜ୍‌ରୀ ମାସ ପାଂଚ ତାରିଖ ଦିନ ବନୁ କୁରୈଜାଙ୍କ ଉପରେ ବିଜୟ ଲାଭ କରାଯାଇଥିଲା ।

*(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୨୩.......... ବେରୁତ ୧୯୯୦)*

ହଜୁର ସ:ଆ:ସ ସେତେବେଳେ ହଜ୍‌ରତ୍ ଖବାବ୍ ଓ ହଜ୍‌ରତ୍ ଖରାଶ୍ ବିନ୍ ସିମା ର:ଅଙ୍କ ସ୍ୱାଧିନ ପ୍ରାପ୍ତ ଦାସ ହଜ୍‌ରତ୍ ତମିମ୍ ର:ଅଙ୍କ ମଧ୍ୟରେ ମୁଆଖାତ୍ ଅର୍ଥାତ ଭାତୃଭାବ ସମ୍ପର୍କ ସ୍ଥାପନ କରିଥିଲେ ।

ଅନ୍ୟ ଏକ ରିୱାୟତ ଅନୁଯାୟୀ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଖବାବ୍ ଓ ହଜ୍‌ରତ୍ ଜବର୍ ବିନ୍ ଅତିକ୍ ର:ଅଙ୍କ ସହିତ କରିଥିଲେ । ଅଲାମା ଇବ୍‌ନେ ଅବଦୁଲ୍ ବରକଙ୍କ ନିକଟରେ ପ୍ରଥମ ରିୱାୟତ୍‌ଟି ସଠିକ୍ ।

*(ଅଲ୍‌ଇସ୍‌ତିୟାବ୍...... ଖଣ୍ଡ-୨, ପୃ-୨୧..... ବେରୁତ)*

ହଜ୍‌ରତ୍ ଖବାବ୍ ବଦର, ଓ୍ୱହଦ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହିତ ସାମିଲ ଥିଲେ ।

*(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୨୩.......... ବେରୁତ ୧୯୯୦)*

ଅବୁ ଖାଲିଦ୍ ବର୍ଣ୍ଣନା କରନ୍ତି କି ଦିନେ ଆମେମାନେ ମସ୍‌ଜିଦ୍‌ରେ ବସିଥିଲୁ ଯେତେବେଳେ ହଜ୍‌ରତ୍ ଖବାବ୍ ଆସିଲେ ଓ ନିରବ ହୋଇ ବସିପଡ଼ିଲେ । ଲୋକମାନେ ତାଙ୍କୁ କହିଲେ କି ଆପଣଙ୍କ ବନ୍ଧୁମାନେ ଆପଣଙ୍କ ପାଖରେ ଏଥିପାଇଁ ଏକତ୍ରିତ ହୋଇଛନ୍ତି ଯେ ଆପଣ ସେମାନଙ୍କ ପାଇଁ କିଛି କୁହନ୍ତୁ ବା କିଛି ଉପଦେଶ ଦିଅନ୍ତୁ । ହଜ୍‌ରତ୍ ଖବାବ୍ ର:ଅ କହିଲେ ମୁଁ ତାଙ୍କୁ କେଉଁ କଥାର ଆଦେଶ ଦେବି ଏପରି ନ ହେଉ କି ମୁଁ ତାଙ୍କୁ ଏଭଳି ଆଦେଶ ଦିଏ ଯେଉଁ ଆଦେଶ ଉପରେ ମୁଁ ସ୍ୱୟମ୍ ପାଳନ କରୁନଥିବି । ସୁତରାଂ ସେହି ସାହାବାମାନଙ୍କ ମଧ୍ୟରେ ଅଲ୍ଲାଃ ତାଲାଙ୍କ ପ୍ରତି ଭୟ ଓ ଧର୍ମପରାୟଣତାର ଏଭଳି ମାନଦଣ୍ଡ ରହିଥିଲା ଯେ ସେମାନେ ଯେପର୍ଯ୍ୟନ୍ତ ଅଲ୍ଲାଃ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କର କୌଣସି ଆଦେଶ ଉପରେ ପ୍ରଥମେ ନିଜେ ପାଳନ ନ କରୁଥିଲେ ସେ ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ତାହା ଉପରେ ପରିଚାଳିତ ହେବାକୁ ଆଦେଶ ଦେଉନଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୯.......... ବେରୁତ ୨୦୦୩)*

ଅବ୍‌ଦୁଲ୍ଲାଃ ବିନ୍ ଖବାବ୍ ର:ଅ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଦିନେ ନମାଜ ପଢ଼ାଇଲେ ଏବଂ ସେହି ନମାଜକୁ ହଜୁର ସ:ଆ:ସ ଲମ୍ବା କରିଦେଲେ । ଲୋକମାନେ କହିଲେ ହେ ରସୁଲୁଲ୍ଲାଃ ସ:ଆ:ସ ! ଆପଣ ଆଜି ଏପରି ନମାଜ ପଢ଼ାଇଛନ୍ତି ଯେ ଏହା ପୂର୍ବରୁ ଆପଣ ଏଭଳି ନମାଜ କଦାପି ପଢ଼ାଇନାହାନ୍ତି । ହଜୁର ସ:ଆ:ସ କହିଲେ ଏହି ନମାଜ ଟି ହେଉଛି ରୁଚି ଓ ଖୌପ୍‌ର ଅର୍ଥାତ ଭୟର ନାମଜ । ମୁଁ ଏହି ନମାଜରେ ଅଲ୍ଲାଃ ତାଲାଙ୍କଠାରୁ ତିନୋଟି ବର ମାଗିଛି, ଅଲ୍ଲାଃ ତାଲା ମତେ ଦୁଇଟି ବର ପ୍ରଦାନ କଲେ ଏବଂ ତୃତୀୟ ବରଟି ସ୍ଥଗିତ ରଖିଦେଲେ । ମୁଁ ଅଲ୍ଲାଃ ତାଲାଙ୍କୁ ଏହି ବର ମାଗିଲି ଯେ, ମୋ ଜାତିକୁ କେବେ ହେଲେ ଦୁର୍ଭିକ୍ଷ ଦ୍ୱାରା ନିପାତ କରିବ ନାହିଁ, ଯାହାକୁ ଅଲ୍ଲାଃ ତାଲା ସ୍ୱୀକାର କଲେ । ମୁଁ ଅଲ୍ଲାଃ ତାଲାଙ୍କୁ ଦ୍ୱିତୀୟବର ମାଗିଲି ହେ ଅଲ୍ଲାଃ ମୋ ଜାତି ଉପରେ କୌଣସି ଶତୃକୁ ଆଧିପତ୍ୟ ଲାଭ କରିବାକୁ ସୁଯୋଗ ଦେବେ ନାହିଁ । ଅଲ୍ଲାଃ ତାଲା ତାହା ମଧ୍ୟ ମତେ ପ୍ରଦାନ କଲେ ସୁତରାଂ ଆଜି ଇସ୍‌ଲାମ୍ ଧର୍ମ ଏକ ଧର୍ମଭାବେ ତିଷ୍ଠି ରହିଛି ଏବଂ ଯଦି କେହି ଆମ ମୁସଲମାନ ଜାତି ଉପରେ ଆଧିପତ୍ୟ ବିସ୍ତାର କରୁଅଛି ତେବେ ଏମାନେ ସ୍ୱୟମଂ ଆମମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରୁଛନ୍ତି । ଅଲ୍ଲାଃ ତାଲାଙ୍କ କୃପାରୁ ଆଜି ମଧ୍ୟ ମୁସଲମାନ ଜାତି ଏହିପରି ନିଜର ଆଧିପତ୍ୟ ବଜାୟ ରଖିଛନ୍ତି । ପୁନଶ୍ଚ ହଜୁର କହିଲେ କି ମୁଁ ଅଲ୍ଲାଃ ତାଲାଙ୍କୁ ତୃତୀୟ ବର ମାଗିଲି ଯେ ମୋ ଉମ୍ମତ୍ ଆପୋଷରେ ନ ଲଢ଼ନ୍ତୁ । ଏହାକୁ ଅଲ୍ଲାଃ ତାଲା ମତେ ପ୍ରଦାନ କଲେ ନାହିଁ ।

*(ସୁନନେ ତିର୍‌ମିଜି......... ହଦିସ୍ ନଂ-୨୧୭୫)*

ଅର୍ଥାତ ଏହାର ପ୍ରତ୍ୟାଖ୍ୟାନ କଲେ ଯାହାର ପରିଣାମ ଆମେ ଆଜି ଦେଖୁଅଛେ ଏବଂ ଅନୁଭବ କରୁଅଛେ ଯେ ଆଜି ମୁସଲମାନମାନେ ବିଭିନ୍ନ ଜାତି ଓ ବର୍ଣ୍ଣରେ ବିଭକ୍ତ ହୋଇ ପରସ୍ପର ସହ କଳହରେ ଲିପ୍ତ ରହିଛନ୍ତି ଏବଂ ପରସ୍ପରକୁ ଅବଜ୍ଞାର ଧର୍ମାଦେଶ ଦେଉଛନ୍ତି ।

ତାରକଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କର ଏକ ପ୍ରତିନିଧି ମଣ୍ଡଳ ହଜ୍‌ରତ୍ ଖବାବ୍ ର:ଅଙ୍କୁ ଦେଖିବାପାଇଁ ଗଲେ ସେହି ଲୋକମାନେ କହିଲେ ହେ ଅବୁ ଅବ୍‌ଦୁଲ୍ଲାଃ ତୁମେ ପ୍ରସନ୍ନ ହୋଇଯାଅ କାରଣ ତୁମେ ନିଜ ଭାଇମାନଙ୍କ ପାଖରେ ହୌଜେ କୌସର୍ (ଅର୍ଥାତ ସ୍ୱର୍ଗର ଜଳକୁଣ୍ଡ) ପାଖକୁ ଯାଉଅଛ । ହଜ୍‌ରତ୍ ଖବାବ୍ ର:ଅ କହିଲେ କି ତୁମେମାନେ ମୋ ସମ୍ମୁଖରେ ସେହି ଭାଇମାନଙ୍କର ଚର୍ଚ୍ଚା କରିଛ ଯେଉଁମାନେ ଆରପାରିକୁ ଗମନ କରିସାରିଛନ୍ତି ଏବଂ ସେମାନେ ନିଜର ଉପକାର ମଧ୍ୟରୁ କିଛି ପ୍ରାପ୍ତ କଲେ ନାହିଁ ଏବଂ ଆମେମାନେ ସେମାନଙ୍କ ପରେ ଏପର୍ଯ୍ୟନ୍ତ ରହିଯାଇଥିଲୁ କି ଆମମାନଙ୍କୁ ସଂସାରରୁ ତାହା ସବୁ ପ୍ରାପ୍ତ ହୋଇଗଲା ଯାହା ସମ୍ପର୍କରେ ଆମେମାନେ ଭୟ କରିଥିଲୁ ଯେ ବୋଧ ହୁଏ ଏହା ଆମମାନଙ୍କର ବିଗତ କର୍ମଫଳ ଆମମାନଙ୍କୁ ପୂଣ୍ୟ ଆକାରରେ ଇହକାଳରେ ହିଁ ପ୍ରାପ୍ତ ହୋଇଯାଇଛି । ହଜ୍‌ରତ୍ ଖବାବ୍ ର:ଅ ଭିଷଣ ରୋଗରେ ଦୀର୍ଘ ସମୟ ଧରି ରୋଗଗ୍ରସ୍ତ ରହିଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୯.......... ବେରୁତ ୨୦୦୩)*

ହାରିସ୍ ବିନ୍ ମୁଜରବ୍ ବର୍ଣ୍ଣନା କରନ୍ତି କି ମୁଁ ହଜ୍‌ରତ୍ ଖବାବ୍ ର:ଅଙ୍କ ନିକଟକୁ ରୋଗୀ ପରିଦର୍ଶନ ନିମନ୍ତେ ଗଲି । ତାଙ୍କୁ ଚିକିତ୍ସା ନିମନ୍ତେ ତାଙ୍କ ଶରୀରରେ ସାତଟି ସ୍ଥାନରେ ଦାଗ ଦିଆଯାଇଥିଲା । ମୁଁ ତାଙ୍କୁ କହୁଥିବାର ଶୁଣିଲି କି ଯଦି ମୁଁ ରସୁଲୁଲ୍ଲାଃ

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......

ଧାର ଧାର ଲୁହରେ କାନ୍ଦି ଚାଲିଥିଲୁ । ଏହା କୌଣସି ବ୍ୟସ୍ତବିବ୍ରତର ଅଶ୍ରୁ ନଥିଲା ବରଂ ଏହା ସେହି ଆନନ୍ଦର ଅଶ୍ରୁ ଥିଲା ଯାହା ଶାନ୍ତିର କୋଳ ଭିତରକୁ ଆସିବାପରେ ଖୁସିରେ ବହି ଚାଲିଥିଲା । ହେ ପ୍ରୀୟ ଖୁଦା ତୁମକୁ ଧନ୍ୟବାଦ ଯେ ତୁମେ ଆମକୁ ସିଧା ମାର୍ଗ ଦେଖାଇଦେଲ ।

କେତେକ ଅତିଥି ବୟତ ଉତ୍ସବ ପ୍ରସଙ୍ଗରେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:

ଜର୍ଜିଆ ଦେଶର ଓ୍ୱଫଦ୍‌ରେ ସାମିଲ ହୋଇଥିବା ଜଣେ ଧର୍ମ ଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରୀ Nanuka Zumbululidze ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ଏହି ବୟତ ଉତ୍ସବ ଆବେଗରେ ପରିପୂର୍ଣ୍ଣ ଥିଲା । ମତେ ଧର୍ମିୟ ଏକତାର ଗୋଟିଏ ଦୃଶ୍ୟ ଦେଖିବାକୁ ମିଳିଲା ଏବଂ ଏକଥା ଜାଣିପାରିଲି ଯେ, କିଭଳି ବିଭିନ୍ନ ଜାତି ବର୍ଣ୍ଣର ଲୋକେ ଶାନ୍ତିର ସହିତ ଏକାଠି ରହିପାରୁଛନ୍ତି । ମୁଁ ଧର୍ମଜ୍ଞାନ ଆହୋରଣ କରୁଅଛି । ଜଲ୍‌ସାରେ ପ୍ରଥମଥର ସାମିଲ ହୋଇଛି ଓ ମୋର ଏ ବିଶ୍ୱାସ ରହିଛି ଯେ ଏ ଜଲ୍‌ସା ଶାନ୍ତି ପ୍ରାପ୍ତ କରିବାର ଗୋଟିଏ ଉତମ ଜରିଆ ଅଛି ।

ପାଶ୍ଚାତ୍ୟ ଜ୍ଞାନ ଆହୋରଣ କରୁଥିବା ଜଣେ ଛାତ୍ର Giga Gigaury ମଧ୍ୟ ଏହି ଓ୍ୱଫଦ୍‌ରେ ସାମିଲ ଥିଲେ । ସେ କହୁଛନ୍ତି ଲୋକମାନେ ଏଠାରେ ବହୁତ ସହାନୁଭୂତିଶୀଳ ଥିଲେ । ସେଥିଯୋଗୁଁ ମୁଁ ଏଠାକୁ ଆସିଛି । ବୟତ ଉତ୍ସବକୁ ମୁଁ ଜଣେ ପଦର୍ଶକଭାବେ ମୁଁ ଦେଖୁଥିଲି, ମୋ ନିକଟରେ ଶବ୍ଦ ନାହିଁ କି ମୁଁ ଏ ବାବଦରେ ନିଜର ମନୋଭାବକୁ ବ୍ୟକ୍ତ କରିପାରିବି । ଲୋକମାନଙ୍କର ଏଭଳି ଅବସ୍ଥାରେ ଏଠାରେ ଏକାଠି ହେବା ବହୁତ ଆଶ୍ଚର୍ଯ୍ୟ କଥା ଥିଲା ।

ଜର୍ଜିଆ ଦେଶରୁ ଆସିଥିବା ଜଣେ ଓକିଲ ଏବଂ ୟୁନିଭରର୍ସିଟିର ଲେକ୍‌ଚରର୍ Temor Shengelaya ସାହେବ ସେ ମଧ୍ୟ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ ହୋଇଥିଲେ ଓ ବହୁତ ପ୍ରଭାବିତ ମଧ୍ୟ ହେଲେ, ବୟତ ଉତ୍ସବପରେ ସେ ବାରମ୍ବାର ଏକଥା ପୁର୍ନରାବୃତି କରୁଥିଲେ କି, ଏହା ଏକ ଚମତ୍କାର, ଏହା ଏକ ଚମତ୍କାର । ସେ କହୁଛନ୍ତି ଯେ, ଯମାତ୍‌ର ଲୋକମାନଙ୍କ ମଧ୍ୟରେ ଆପୋଷ ପ୍ରେମଭାବ ବହୁ ମାତ୍ରାରେ ରହିଛି । ବିଶେଷ ରୂପେ ମୁଁ ଏକଥା ଦେଖିବାକୁ ପାଇଲି ଯେ, ଆପଣମାନଙ୍କ ଚେହେରାରେ ସର୍ବଦା ହସ ଫୁଟିଉଠୁଛି ।

### ଜଲ୍‌ସା ସାଲାନା ଜର୍ମାନୀ ଅବସରରେ ମିଡ଼ିଆ କଭ୍‌ରେଜ୍

ଜଲ୍‌ସା ସାଲାନା ଜର୍ମାନୀର ଇଲେକ୍‌ଟ୍ରୋନିକ, ପ୍ରିଂଟମିଡ଼ିଆ ଏବଂ ସୋଶିଆଲ୍ ମିଡ଼ିଆରେ ବହୁତ ବ୍ୟାପକରୂପେ କଭ୍‌ରେଜ ହୋଇଛି ।

ଜର୍ମାନୀର ମୋଟ ୧୩ଟି ମିଡ଼ିଆ ଆଉଟଲେଟ୍ସ ରେ ଜଲ୍‌ସାର କଭ୍‌ରେଜ ହେଲା ।

ଏଥିରେ ଜର୍ମାନୀର ସବୁଠାରୁ ଅଧିକା ପାଠ କରାଯାଉଥିବା ଖବରକାଗଜ FAZ ଠାରୁ ନେଇ କେତେକ ସ୍ଥାନୀୟ ଖବରକାଗଜ, ଅନ୍‌ଲାଇନ୍ ଖବରକାଗଜ ଏବଂ ମାଗାଜିନ୍ ମଧ୍ୟ ସାମିଲ ଅଛନ୍ତି ।

ଏତଦ୍‌ବ୍ୟତିତ ପ୍ରଦେଶିକ ଟିଭି SWR ରେ ମଧ୍ୟ ଖବର ପ୍ରସାରଣ ହେଲା ଏବଂ ତା ଓ୍ୱେବସାଇଟରେ ମଧ୍ୟ ଆର୍ଟିକିଲ୍ ସହିତ ଖବର ପ୍ରକାଶିତ ହେଲା ।

ଜର୍ମାନୀ ବ୍ୟତିତ ଇଟାଲୀ, ଚୀନ୍ ଏବଂ ସ୍ଲୋଭାଗିୟାର ଅନ୍‌ଲାଇନ୍ ଖବରକାଗଜ ଗୁଡ଼ିକରେ ମଧ୍ୟ ଜଲ୍‌ସା ପ୍ରସଙ୍ଗରେ ଖବର ପ୍ରକାଶ ହେଲା । ଗୋଟିଏ ଆକଳନ ମୁତାବକ ଏହି ସମସ୍ତ ମିଡ଼ିଆ ଆଉଟଲେଟ୍ସ ୨ କୋଟି ୨୬ ଲକ୍ଷ ରୁ ଅଧିକ ଲୋକମାନଙ୍କ ପର୍ଯ୍ୟନ୍ତ ପହଂଚିଛି ।

ଏମ୍.ଟି.ଏ (ଆଫ୍ରିକା) ଜରିଆରେ ମଧ୍ୟ ଆଫ୍ରିକୀୟ ଦେଶଗୁଡ଼ିକରେ ପ୍ରସାରଣ ହେଲା । ଏମ୍.ଟି.ଏ (ଆଫ୍ରିକା) ଟିମ୍ ସମ୍ପୁର୍ଣ୍ଣ ଆଫ୍ରିକାରେ ଜାତୀୟ ଟିଭି ଚ୍ୟାନେଲ ଗୁଡ଼ିକୁ ପ୍ରତ୍ୟେକ ଦିନ ଜଲ୍‌ସା ସାଲାନା ଜର୍ମାନୀ ପ୍ରସଙ୍ଗରେ ରିପୋର୍ଟ ତିଆରି କରି ଯୋଗାଉଥିଲା । ତାହା ନିମ୍ନଲିଖିତ ଜାତୀୟ ଟିଭି ଚ୍ୟାନେଲ ଗୁଡ଼ିକରେ ପ୍ରସାରଣ ହେଲା ।

୧. ଘାନା ନ୍ୟାସନାଲ ଟେଲିଭିଜନ
୨. ସିରିୟାଲିଓନ୍ ନ୍ୟାସନାଲ ଟେଲିଭିଜନ
୩. ଗାମ୍ବିୟା ନ୍ୟାସନାଲ ଟେଲିଭିଜନ
୪. ୟୁଗାଣ୍ଡା ନ୍ୟାସନାଲ ଟେଲିଭିଜନ
୫. ରଓ୍ୱାଣ୍ଡା ନ୍ୟାସନାଲ ଟେଲିଭିଜନ

ଜଲ୍‌ସା ସମ୍ବନ୍ଧରେ ଯେଉଁ ବିଶେଷ ରିପୋର୍ଟ ଗୁଡ଼ିକୁ ନ୍ୟୁଜ ବୁଲେଟିନ୍‌ରେ ପ୍ରସାରଣ କରାଗଲା । ଏହି ଟିଭି ଚ୍ୟାନେଲ ଗୁଡ଼ିକୁ ଦେଖୁଥିବା ଲୋକମାନଙ୍କର ସଂଖ୍ୟା ୩୦ ମିଲିୟନ୍‌ରୁ ଅଧିକା । ସିରିୟାଲିଓନ୍‌ର ନ୍ୟାସନାଲ ଟେଲିଭିଜନ ଏବଂ ଅନ୍ୟ ଦୁଇଟି ନ୍ୟାସନାଲ ଟେଲିଭିଜନ ଚ୍ୟାନେଲ ରେ ଜଲ୍‌ସା ସାଲାନା ଜର୍ମାନୀର କାର୍ଯ୍ୟକ୍ରମ ପ୍ରତ୍ୟହ ୨୪ ଘଂଟା ପ୍ରସାରଣ କରାଯାଉଥିଲା ।

ଏ ବର୍ଷ ପ୍ରଥମ ଥର ପାଇଁ ଜଲ୍‌ସା ସାଲାନା ଜର୍ମାନୀର ପ୍ରସାରଣ ଆଫ୍ରିକୀୟ ଭାଷାଗୁଡ଼ିକରେ ଅନୁଦିତ ହୋଇ ପ୍ରସାରଣ କରାଗଲା । ପ୍ରଥମଥର ପାଇଁ ଜଲ୍‌ସାର ତିନିଦିନ ଏମ୍‌ଟିଏ ଷ୍ଟୁଡ଼ିଓର ସମସ୍ତ ପ୍ରୋଗ୍ରାମ ଯେଉଁଥିରେ ଷ୍ଟୁଡ଼ିଓ ଡ଼ିସ୍‌କସନ୍ ମଧ୍ୟ ସାମିଲ ଅଛି ତାହା TWI, ୟୁରୋବା ଏବଂ ସଓ୍ୱାହିଲ୍ ଭାଷାଗୁଡ଼ିକରେ ଅନୁବାଦ କରାଯାଇ ପ୍ରସାରଣ କରାଗଲା ।

Review of Religions ଜରିଆରେ ମଧ୍ୟ ସୋଶିଆଲ୍ ମିଡିଆରେ ବ୍ୟାପକ ରୂପେ କଭ୍‌ରେଜ କରାଗଲା । ଏ ବର୍ଷ ଇଂରାଜୀ, ସ୍ପାନିଷ ଏବଂ ଜର୍ମନ ଏଡ଼ିଶନ୍‌ର ଓ୍ୱେବସାଇଟରେ ଜଲ୍‌ସା ସାଲାନାର କଭ୍‌ରେଜ କରାଗଲା ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତ ସମୟରେ ବିଭିନ୍ନ ପ୍ରକାରର କାର୍ଯ୍ୟ ବ୍ୟସ୍ତତା ସେଥିରେ ପ୍ରତିନିଧି ମଣ୍ଡଳ ସହିତ ସାକ୍ଷାତକାର ରହିଛି, ବ୍ୟକ୍ତିଗତ ସାକ୍ଷାତକାର ରହିଛି ଏବଂ ଆମିନ୍ ଇତ୍ୟାଦି ଉତ୍ସବ ପ୍ରୋଗ୍ରାମ ପ୍ରସଙ୍ଗରେ ୧୩ଟି ସଂକ୍ଷିପ୍ତ ଭିଡ଼ିଓ ବନା ଯାଇଛି । ଏତଦ୍‌ବ୍ୟତିତ ୨୧ ଟି ନୁଆ ଆର୍ଟିକିଲ୍ ରଖାଯାଇଛି । ସୋଶିଆଲ୍ ମିଡ଼ିଆରେ ମଧ୍ୟ ୧୧୫ରୁ ଅଧିକା ପୋଷ୍ଟ ପକାଯାଇଛି ।

ଏହି ଭିଡ଼ିଓ, ଆର୍ଟିକିଲ୍ ଏବଂ ସୋଶିଆଲ୍ ମିଡ଼ିଆ ପୋଷ୍ଟସ୍ ଜରିଆରେ ୭ ଲକ୍ଷ ୩୦ ହଜାର ଲୋକମାନଙ୍କ ନିକଟରେ ବାର୍ତା ପହଂଚିଲା । ସେଥିରେ ଚେଷ୍ଟା କରାଯାଇଥିଲା ଯେ, ଏହି ବାର୍ତା ଅଣମୁସଲମାନ ଓ ପାଶ୍ଚାତ୍ୟ ଦେଶର ଲୋକମାନଙ୍କ ନିକଟକୁ ଯାଉ । ଏହି ସଂଖ୍ୟାରେ ଅନବରତ ବୃଦ୍ଧି ଘଟିଚାଲିଛି । ଓ ଅନୁମାନ ମୁତାବକ ଆସନ୍ତାକୁ ଏହି ସଂଖ୍ୟା ଏକ ମିଲିୟନ୍ ପର୍ଯ୍ୟନ୍ତ ପହଂଚିଯିବ । ଇନ୍‌ଶଅଲ୍ଲାଃ

### ୮ ଜୁଲାଇ ୨୦୧୯ (ସୋମବାର)

ହଜୁର ଅନଓ୍ୱର ଅ:ବ:ଅ ଭୋର ୪:୧୫ରେ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫତରି ଚିଠିପତ୍ର ଓ ରିପୋର୍ଟ ଇତ୍ୟାଦି ତଦାରଖ କଲେ । ଓ ସେଥିରେ ନିର୍ଦ୍ଦେଶ ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ପ୍ରୋଗ୍ରାମ ମୁତାବକ ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୧୦:୧୫ ମିନିଟରେ ମସ୍‌ଜିଦ୍‌ରେ ଥିବା ପୁରୁଷ ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ରଷିୟା, କାଜିଗସ୍ଥାନ ଏବଂ ଇଷ୍ଟୋନିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଅତିଥିମାନେ କହିଲେ ଯେ, ଜଲ୍‌ସା ବହୁତ ବଢ଼ିଆ ଥିଲା । ଅତ୍ୟନ୍ତ ବ୍ୟବସ୍ଥିତ ଥିଲା ଓ ବହୁତ ଉଚ୍ଚକୋଟିର ମଧ୍ୟ ଥିଲା ।

ଇଷ୍ଟୋନିଆ ଦେଶରୁ ଆସିଥିବା ଜଣେ ଅତିଥିଙ୍କୁ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ହେଉଛନ୍ତି ନୂଆ ଅହେମଦୀ ଆପଣ ସୁରାଃ ଫାତିହାକୁ ଆରବୀରେ ମୁଖସ୍ତ କରନ୍ତୁ । ତା'ପରେ ଏହାର ଅନୁବାଦ ଶିଖନ୍ତୁ ଓ ଏହାକୁ ବାରମ୍ବାର ପଢ଼ନ୍ତୁ । ଇୟାକା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ନାବୁଦୁ ୱ ଇୟାକା ନସ୍ତଇନ ମଧ୍ୟ ବାରମ୍ବାର ପଢ଼ନ୍ତୁ । ଅର୍ଥାତ ଖୁଦାତାଲାଙ୍କଠାରୁ ହିଁ ସାହାଯ୍ୟ ଭିକ୍ଷା କର ଓ ତାହାଙ୍କର ଉପାସନା ମଧ୍ୟ କର । ଏତଦ୍‌ବ୍ୟତିତ ଧର୍ମଜ୍ଞାନ ମଧ୍ୟ ଶିଖନ୍ତୁ ଓ ନିଜକୁ ରିଫର୍ମ କରନ୍ତୁ ।

ମସ୍କୋରୁ ଆସିଥିବା ଜଣେ ନୌମୁବାଏ (ନୂତନ ଅହେମଦୀ) କହିଲେ ଯେ, ମୁଁ ଏକ ବର୍ଷ ହେବ ଅହେମଦୀ ହୋଇଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏଥିରେ ଧର୍ମୀୟ ବ୍ୟାଗରାଉଣ୍ଡ କଣ ? ଏଥିରେ ସେ ମହାଶୟ କହିଲେ ଯେ, ମୋର ସମ୍ବନ୍ଧ କ୍ୟାଥୋଲିକ ଚର୍ଚ୍ଚ ସହିତ ଥିଲା । ୨୦ ବର୍ଷ ପୂର୍ବେ ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲି ଓ ଏକବର୍ଷ ହେବ ଅହେମଦୀ ହୋଇଛି ।

ସେହି ମହାଶୟଙ୍କର ଗୋଟିଏ ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି, ଶେଷ ଯୁଗରେ ଜଣେ ରିଫର୍ମର (ସୁଧାରକ) ମସିହ୍ ଓ ମେହେଦୀ ଆସିବେ ଏବଂ ସେ ଇସ୍‌ଲାମ୍‌ର ପୂର୍ନବିନ୍ୟାସ କରିବେ । ଅତଏବ ସେହି ମସିହ ଓ ମେହେଦୀ ଆସିସାରଛନ୍ତି ଓ ସେ ହେଉଛନ୍ତି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିୟାନୀ ଆ:ସ । ସେ ପବିତ୍ର କୋରାନ୍‌ର ୩୦ଟି ଆୟତ ନିଜ ପୁସ୍ତକରେ ଦରଜ କରିଛନ୍ତି ଏବଂ ସେଥିରୁ ବତାଇଛନ୍ତି ଯେ,ଏହି ଆୟତଗୁଡ଼ିକରୁ ହଜ୍‌ରତ୍ ଇସା ଆ:ସଙ୍କ ମୃତ୍ୟୁ ହୋଇଥିବାର ପ୍ରମାଣିତ ହେଉଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସମଗ୍ର ମୁସଲମାନ ମସିହ୍ ଆ:ସଙ୍କ ଦ୍ୱିତୀୟ ଆଗମନର ଅପେକ୍ଷାରେ ଅଛନ୍ତି । ଆମେ କହୁଛୁ ଯେ, ଯେଉଁ ମସିହ୍‌କୁ ଆସିଥିବାର ଥିଲା ସେ ଆସି ସାରିଛନ୍ତି । ପବିତ୍ର କୋରାନ୍ ଏବଂ ହଦୀସ୍ ଗୁଡ଼ିକରେ ମସିହ ଓ ମେହେଦୀଙ୍କ ଆଗମନ ସମ୍ବନ୍ଧରେ ଯେଉଁ ନିର୍ଦ୍ଦେଶମାନ ଓ ଲକ୍ଷଣଗୁଡ଼ିକ ବର୍ଣ୍ଣିତ ଅଛି ତାହାସବୁ ମଧ୍ୟ ପୁରଣ ହୋଇସାରିଛି । ବହୁତ ମୁସଲମାନ ଏ ବିଶ୍ୱାସ କରୁଛନ୍ତି ଯେ, ଲକ୍ଷଣଗୁଡ଼ିକ ତ ପୂରଣ ହୋଇସାରିଲାଣି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେମାନେ ମସିହ୍‌ଙ୍କ ଅପେକ୍ଷାରେ ବସିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ଚିହ୍ନ ମଧ୍ୟ ପୁରଣ ହୋଇସାରିଛି । ଯେତେବେଳେ ଏହି ଚିହ୍ନଗୁଡ଼ିକ ପ୍ରକାଶ ହୋଇନଥିଲା । ସେତେବେଳେ ଲୋକମାନେ କହୁଥିଲେ ଯେ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ଚିହ୍ନ ତ ଏବେ ପୂରଣ ହୋଇନାହିଁ । ସୁତରାଂ ୧୮୯୪ ମସିହାରେ ହଦିସ ବର୍ଣ୍ଣିତ ସମସ୍ତ ଲକ୍ଷଣ ଓ ଚିହ୍ନ ସହିତ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଅନୁଷ୍ଠିତ ହେଲା ଏବଂ ପୁଣି ତା’ ପରବର୍ଷ ୧୮୯୫ ମସିହାରେ West Hemisphere ରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଅନୁଷ୍ଠିତ ହେଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ବର୍ତମାନ ମୁସଲମାନମାନେ ଜଣେ ରିଫର୍ମରର ଆବଶ୍ୟକ କରୁଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଏ ପର୍ଯ୍ୟନ୍ତ ଅପେକ୍ଷା କରିଚାଲିଛନ୍ତି । ଯଦି ବର୍ତମାନ ଆସିବାର ନାହିଁ ତେବେ ପୁଣି କେବେ ଆସିବେ । ଅତଏବ ଆମେ ସେମାନଙ୍କୁ ଏକଥା ବତାଉଛୁ ଯେ, ଏହି ସବୁ ନିଦର୍ଶନଗୁଡ଼ିକ ଓ ଭବିଷ୍ୟବାଣୀଗୁଡ଼ିକ ପୂରଣ ହୋଇଗଲାଣି ତେଣୁ ମସିହ ଓ ମେହେଦୀଙ୍କ ଆସିବାର ଏହା ହିଁ ଉପଯୁକ୍ତ ସମୟ ।

ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପୁଣି କହିଲେ ଯେ, ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଦ୍ୱିତୀୟ ର:ଅଙ୍କ ପୁସ୍ତକ ଦାଓ୍ୱତୁଲ୍ ଅମୀର ର:ଅ ରସିୟା ଭାଷାରେ ଅନୁବାଦ ହୋଇସାରିଛି, ତାହାକୁ ପଢ଼ନ୍ତୁ ।

କାଜାଗିସ୍ତାନ ଦେଶରୁ ଆସିଥିବା ଜଣେ ବନ୍ଧୁ କହିଲେ ଯେ, ତାଙ୍କର ବୟସ ହେଉଛି ୭୦ ଯଦି ଯମାତ୍ ଅହେମଦୀୟା ଏତେ ପୂରୁଣା ତେବେ ତାକୁ ପୂର୍ବରୁ କାହିଁକି ଜଣାପଡ଼ିଲା ନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କହିଲେ ଯେ, ଇସ୍‌ଲାମ୍ ୧୪୦୦ ବର୍ଷ ପୁରୁଣା ହେବା ସତ୍ତ୍ୱେ ମଧ୍ୟ ଅମେରୀକା ମହାଦେଶର କେତେକ ଦୁରଦୁରାନ୍ତ ଇଲାକାରେ ଯେଉଁ ଦ୍ୱୀପପୂଞ୍ଜଗୁଡ଼ିକ ଅଛନ୍ତି ସେଠିକାର ଅଧିବାସୀମାନଙ୍କୁ ଏବେ ଏବେ ହିଁ ଇସ୍‌ଲାମର ବାର୍ତା ପହଂଚିଛି । ଜଣେ ପାର୍ଦୀ ମଧ୍ୟ ଏକଥା ପ୍ରକାଶ କରିଛନ୍ତି ଅମୁକ ଅମୁକ ଏରିଆରେ ଇସାଇୟତର ବାର୍ତା ଏପର୍ଯ୍ୟନ୍ତ ପହଂଚିନାହିଁ । ତେଣୁ ସେମାନଙ୍କୁ ଏ ବିଷୟରେ ପଚାରାଯିବ ନାହିଁ । ଏଥିରୁ ଜଣାପଡୁଛି ଯେ, ଇସାଇୟତ ଏଠାରେ ପହଂଚି ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏବେ ହେଉଛି ପ୍ରକାଶନର ଯୁଗ । ମସିହ ମଉଦ୍ ଆ:ସଙ୍କ ଯୁଗ, ୧୩୦ ବର୍ଷ ପୂର୍ବେ ଗୋଟିଏ ଛୋଟିଆ ଗ୍ରାମରୁ ବାର୍ତାଟି ବାହାରି ୨୧୨ ଗୋଟି ଦେଶରେ ବ୍ୟାପିଗଲାଣି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଧର୍ମଗୁଡ଼ିକର ଗୋଟିଏ ଇତିହାସ ରହିଛି । ତାହାକୁ ଦେଖନ୍ତୁ ଧର୍ମଗୁଡ଼ିକ ଏହିପରି ଧିରେ ଧିରେ ବ୍ୟାପିଛି ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁଠି ବାର୍ତା ପହଂଚାଇବାର ମାର୍ଗରେ ପ୍ରତିବନ୍ଧକର ପ୍ରଶ୍ନ ଉଠୁଛି ତାହା ତ କେତେକ ସରକାରଙ୍କ ତରଫରୁ ଲାଗୁ କରାଯାଉଅଛି । ମୌଲବୀ ଜହୁର ହୁସୈନ ସାହେବ୍ ବୁଖାରାଙ୍କୁ ମଧ୍ୟ ବନ୍ଦି କରାଯାଇଥିଲା ଯେ ସେ ଇସ୍‌ଲାମ୍‌ର ବାର୍ତା ପହଂଚାଇ ନ ପାରନ୍ତୁ ।

ମସ୍କୋରୁ ଯମାତ୍ ର ସ୍ଥାନୀୟ ମୁଅଲ୍ଲିମ୍ ରୁସ୍ତମ୍ ହମାଦ୍ ୱଲି ସାହେବ ମଧ୍ୟ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଥିଲେ । ସେ କହିଲେ ଯେ, ଜଲ୍‌ସା ସାଲାନା ଜର୍ମାନୀରେ ଆସିବାପାଇଁ ମୌକା ମିଳିଲା । ଏଠାକୁ ଦୂରଦୁରାନ୍ତ ଦେଶଗୁଡ଼ିକରୁ ମଧ୍ୟ ଲୋକମାନେ ଆସିଛନ୍ତି । ଜର୍ମାନୀ ଯମାତ୍ ବହୁତ ଉନ୍ନତି କରିସାରିଛନ୍ତି । ଏହା ଦେଖି ବହୁତ ଆନନ୍ଦ ଲାଗୁଛି । ଏ ଜଲ୍‌ସା ମଧ୍ୟ ଇଂଟରନ୍ୟାସନାଲ ସ୍ତରର ଜଲ୍‌ସା ହୋଇଗଲାଣି ଲୋକମାନେ ଏଥିରୁ ଲାଭାନ୍ୱିତ ହେଉଛନ୍ତି ।

ଆଉ ଜଣେ ଅତିଥି ଅବ୍‌ଦୁସ୍ ସତାର୍ ବୋବାୟୁ ସାହେବ ପୋଲାଣ୍ଡରୁ ଆସି ଜଲ୍‌ସାରେ ସାମିଲ ହୋଇଛନ୍ତି । ଯିଏ ହେଉଛନ୍ତି ଜଣେ ତାଜିକ୍ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମୁଁ ଅହେମଦୀଙ୍କ ସମ୍ବନ୍ଧରେ ଶୁଣିଥିଲି ଯେ, ସେମାନେ ମୁସଲ୍‌ମାନ ନୁହନ୍ତି ଓ ମଦ୍ୟପାନକୁ ବୈଧ ଜାଣନ୍ତି । ଜଲ୍‌ସାରେ ସାମିଲ ହେବା ପୂର୍ବରୁ ଅହେମଦୀ ମାନଙ୍କର ‘‘ମସ୍‌ଜିଦ୍ ସୁବ୍‌ହାନ୍’’ ଦେଖିଥିଲି ଓ ସେଥିରେ ନମାଜ ପଢ଼ିବାପରେ ଜାଣିପାରିଲି ଯେ, ଏହି ଲୋକମାନେ ମୁସଲମାନ ଅଟନ୍ତି ଏବଂ ଧର୍ମର ପାଂଚଗୋଟି ସ୍ତମ୍ଭ ଉପରେ ଏମାନେ ପରିଚାଳିତ । ଜଲ୍‌ସାରେ ସାମିଲ ହୋଇ ଜାଣିପାରିଲି ଯେ, ଏମାନେ ଇମାମ୍ ମେହେଦୀଙ୍କୁ ମାନୁଛନ୍ତି ଓ ବିଲ୍‌କୁଲ୍ ମଦିରାପାନ କରୁନାହାନ୍ତି ଏବଂ ପବିତ୍ର କୋରାନ୍‌ର ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେଉଛନ୍ତି । ଏଠି ଜଲ୍‌ସାରେ ସାମିଲ ହେବାପରେ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଆହୁରି ଅଧିକ ଜ୍ଞାନ ମିଳିଲା ଫଳତଃ ମୁଁ ବାସ୍ତବିକ ରୂପେ ଆପଣମାନଙ୍କୁ ମୁସଲମାନ ବୋଲି ବୁଝିଲେଣି । ଧର୍ମର ସ୍ତମ୍ଭଗୁଡ଼ିକ ଏବଂ ଇସ୍‌ଲାମ୍‌ର ସ୍ତମ୍ଭଗୁଡ଼ିକ ସେହିପରି ଯେଉଁଭଳି ମୁସଲମାନମାନଙ୍କର ହୋଇଥାଏ । ଇମାମ୍ ଅବୁ ହନିଫାଙ୍କୁ ଆପଣମାନେ ଇମାମ୍ ଭାବୁଛନ୍ତି ଓ ତାଙ୍କ ଫିକାଃ ଉପରେ ପରିଚାଳିତ ହେଉଛନ୍ତି । ମତେ ଏ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୋଇଛି । ଜଲ୍‌ସାରେ ବହୁତ କିଛି ଭଲ ଲାଗିଲା । ଏଠାରେ ହଜ୍ ପରେ ଦ୍ୱିତୀୟଥର ଏତେସଂଖ୍ୟକ ମୁସଲମାନମାନଙ୍କୁ ଏକତ୍ରିତ ହେବାର ଦେଖିଲି । ଖଲିଫାଙ୍କ ସହିତ ସାକ୍ଷାତକାର ବହତୁ ଭଲ ଅନୁଭବ ଥିଲା ତାଙ୍କ ଚେହେରା ବହୁତ ନୁରାନି (ଉଜ୍ଜଳମୟ) ଥିଲା । ଯେତେବେଳେ ମୁଁ ତାଜାକିସ୍ତାନରେ ଥିଲି ସେତେବେଳେ ଏମ୍‌ଟିଏରେ ତାଙ୍କୁ ଦେଖୁଥିଲି ଓ ବହୁତ ପ୍ରଭାବିତ ହେଉଥିଲି । ସେ ବହୁତ ପୂଣ୍ୟ ସ୍ୱଭାବର ବ୍ୟକ୍ତି ଅଟନ୍ତି ।

ମିର୍ଜା ରହିମ ସାହେବ୍ ଓ ତାଙ୍କର ତିନିଜଣ ସାଥି ତାଜାଗିସ୍ତାନରୁ ଆସିଛନ୍ତି । ଏମାନେ ଏବେ ଲିଥ୍ୱାନିୟାରେ ରହିଛନ୍ତି । ସେ ନିଜର ତିନିଜଣ ତଜାଗିସ୍ତାନ ବନ୍ଧୁମାନଙ୍କର ମନୋଭାବକୁ ବର୍ଣ୍ଣନା କରି କହିଲେ, ଜଲ୍‌ସା ଆମ ପାଇଁ ବହୁତ ଭଲ ଓ ପ୍ରଭାବଶାଳୀ ଥିଲା । ଶୃଙ୍ଖଳା ବ୍ୟବସ୍ଥାର ସ୍ତର ବହୁତ ଭଲ ଥିଲା ଏଥିରୁ ଜଣାପଡୁଛି ଯେ, ଯମାତ୍ ନିଜ ପାଦକୁ ସୁଦୃଢ଼ କରିସାରିଛି । ଜଲ୍‌ସାର ପ୍ରୋଗ୍ରାମଗୁଡ଼ିକରେ କୌଣସି ପ୍ରକାରର ପରିବର୍ତନ କରିବା ଏବଂ କୌଣସି ପ୍ରୋଗ୍ରାମରେ ମଧ୍ୟ ବିଳମ୍ବ ନ ହେବା ଏକଥାର ପ୍ରମାଣ ଯେ, ଜଲ୍‌ସାରେ ଯମାତ୍‌ର ଶୃଙ୍ଖଳାସ୍ତର ବହୁତ ଭଲ । ଆମକୁ ଏକଥା ବହୁତ ଭଲ ଲାଗିଲା ଯେ, ମୁସଲମାନମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ୟୁରୋପୀୟ ଲୋକମାନଙ୍କର ଭରସା ହାସଲ କରିଛି । ଆମେମାନେ ଯେଉଁମାନେ ଏବେ ୟୁରୋପ ଆସିଅଛୁ । ଆମେ ଏଥିରୁ ଗୋଟିଏ ଭଲ ଅନୁଭୁତି ହାସଲ କଲୁ ଯେ, ଆମେ କିଭଳି ୟୁରୋପୀୟ ଦେଶଗୁଡ଼ିକରେ କାମ କରିପାରିବୁ । ଜଲ୍‌ସାରେ ପ୍ରତ୍ୟେକ ଜାତି ଓ ସମ୍ପ୍ରଦାୟର ଲୋକମାନେ ବିନା କୌଣସି ପ୍ରତିବନ୍ଧକରେ ସାମିଲ ହେଉଥିଲେ । ଯମାତ୍ ଅହେମଦୀୟା ସ୍ଲୋଗାନ (ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ), ଏକଥା ଆମକୁ ବହୁତ

---

**ହଦିସ୍ ନବଓ୍ୱି ସ:ଆ:ସ**

‘‘ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ’’

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।’’

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମର ସମସ୍ତ ୱହ୍‌ଦାଦାର୍ ଯେକୌଣସି ସ୍ତରର ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।’’

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଭଲ ଲାଗିଲା ।

ଏତଦ୍‌ବ୍ୟତିତ ଯମାତ୍ ଅହେମୀଦୟାର ଇମାମ୍ ମିର୍ଜା ମସରୁର୍ ଅହେମଦ୍‌ଙ୍କ କଥା ଆମକୁ ବହୁତ ଭଲ ଲାଗିଲା । ବିଶେଷରୂପେ ତାଙ୍କର ଏ କଥା ''ସନ୍ତ୍ରାସବାଦର ଇସ୍‌ଲାମ ସହିତ କୌଣସି ସମ୍ବନ୍ଧ ନାହିଁ ଏବଂ ଇସ୍‌ଲାମ୍ ହେଉଛି ତ୍ୟାଗ, ମିଳିମିଶି ରହିବା ଓ ଜଣେ ଅନ୍ୟଜଣକୁ ବୁଝିବାର ନାମ'' ଶେଷରେ ଆମେ ଏହି ଜଲ୍‌ସାର ସମସ୍ତ କର୍ମୀମାନଙ୍କର ବିଶେଷରୂପେ କୃତଜ୍ଞତା ଜ୍ଞାପନ କରୁଅଛୁ ଓ ଯେଉଁମାନେ ଆମକୁ ଏହିଭଳି ବୈଭବପୂର୍ଣ୍ଣ ଜଲ୍‌ସାରେ ସାମିଲ ହେବାପାଇଁ ନିମନ୍ତ୍ରଣ ଦେଇଛନ୍ତି ସେମାନଙ୍କୁ ହୃଦୟର ଅନ୍ତରରୁ ଧନ୍ୟବାଦ ଜଣାଉଛୁ ଓ ସେମାନଙ୍କର ଶୁଭକାମନା କରୁଛୁ । ଏହି ସାକ୍ଷାତକାର ୧୦:୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁରଙ୍କ ସହିତ ହାତ ମିଳାଇବାର ଓ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଇଣ୍ଡୋନେସିଆ ପ୍ରତିନିଧିମଣ୍ଡଳର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଏହାପରେ ଠିକ୍ ୧୦:୪୫ ମିନିଟରେ ଇଣ୍ଡୋନେସିଆରୁ ଆସିଥିବା ପ୍ରତିନିଧିମଣ୍ଡଳର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତାକାର ଆରମ୍ଭ ହେଲା । ଇଣ୍ଡୋନେସିଆରୁ ଏବର୍ଷ ୩୫ ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଥିଲା । ସେଥିରେ ୨୩ ଜଣ ମହିଳା ଓ ୧୨ ଜଣ ପୁରୁଷ ଥିଲେ ।

ହଜୁର ଅନୱର ଅ:ବ:ଅଙ୍କ ପଚାରିବାରେ ୱଫଦ୍‌ର ସଦସ୍ୟମାନେ କହିଲେ ଯେ, ଜଲ୍‌ସା ସାଲାନାର ସମସ୍ତ ବ୍ୟବସ୍ଥା ବହୁତ ଭଲ ଥିଲା । ସମସ୍ତ କାର୍ଯ୍ୟ ଅତ୍ୟନ୍ତ ସୁବ୍ୟବସ୍ଥିତ ଶୈଳୀରେ ସମ୍ପାଦନ ହେଲା । ହଜୁର ଅନୱର ଅ:ବ:ଅଙ୍କ ଗୋଚରରେ ୱଫଦ୍‌ର ଜଣେ ସଦସ୍ୟ କହିଲେ ଯେ, ଆମ ଯମାତ୍‌ରେ ବହୁ ସଂଖ୍ୟାରେ ନୂଆ ଅହେମୀଦ ଅଛନ୍ତି । ତେଣୁ ସେମାନଙ୍କଠାରୁ ଚାନ୍ଦା ହାସଲ କରିବା ବହୁତ କଷ୍ଟକର କାର୍ଯ୍ୟ ।

ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ପ୍ରଥମେ ସେମାନଙ୍କ ତର୍‌ବିୟତ୍ (ପ୍ରଶିକ୍ଷଣ) କର । ଇମାନ୍ ଆଣିବା ହେଉଛି ଫର୍ଜ (ଅର୍ଥାତ ନିଶ୍ଚିତ ଧାର୍ଯ୍ୟ କର୍ତବ୍ୟ) । ପାଂଚ ବେଳା ନମାଜ ପଢ଼ିବା ମଧ୍ୟ ଫର୍ଜ ଦେଶୁ ସେଗୁଡ଼ିକ ନିର୍ବାହ କରିବା ପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ । ରୋଜା ହେଉଛି ଫର୍ଜ ପୁଣି ତା'ପରେ ଆର୍ଥିକ ବଳିଦାନ କରିବା ମଧ୍ୟ ଫର୍ଜ । ପ୍ରଥମେ ଏମାନଙ୍କର ତର୍‌ବିୟତ୍ କର । ତିନିବର୍ଷର ତର୍‌ବିୟତ୍ (ପ୍ରଶିକ୍ଷଣ) ଏଥିପାଇଁ ରଖାଯାଇଛି ଯେ, ଏହି ଅବଧି ମଧ୍ୟରେ ସେମାନଙ୍କର ପ୍ରଶିକ୍ଷଣ ହୋଇଯାଉ । ତା'ପରେ ଯାଇ ସେମାନଙ୍କୁ ଚାନ୍ଦା ବ୍ୟବସ୍ଥାରେ ସାମିଲ କରାନ୍ତୁ । କୁର୍‌ବାନୀ ର ମନୋଭାବ ହୃଦୟ ଭିତରୁ ବାହାରିବା ଉଚିତ । ସାହାବାମାନେ ହୃଦୟ ଭିତରୁ ଇସ୍‌ଲାମ୍‌କୁ ଗ୍ରହଣ କଲେ ଏବଂ ତା'ପରେ ପୁଣି ସେମାନେ କୁର୍ବାନୀ (ବଳିଦାନ) ଦେଲେ । ଚାନ୍ଦା କୌଣସି ଟ୍ୟାକ୍ସ ନୁହେଁ ବରଂ ଖୁଦାଙ୍କ ପ୍ରସନ୍ନତା ଲାଭ କରିବାପାଇଁ ଦେବାକୁ ପଡ଼ିଥାଏ । ନୂଆ ଅହେମଦୀମାନଙ୍କୁ ଆରମ୍ଭରୁ ଏ ଅଭ୍ୟାସ ପକାଇ ଦିଅନ୍ତୁ ଯେ, ତହ୍‌ରିକ୍ ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍ ପାଇଁ କିଛି ନା କିଛି ନିଶ୍ଚିତ ରୂପେ ଦିଅନ୍ତୁ ।

ଜଣେ ମହିଳା ପଚାରିଲେ ଯେ, ଗୈର୍ ଅହେମଦୀ ମତେ ଘୃଣା କରୁଛନ୍ତି ଓ ମତେ ପରିହାସ କରୁଛନ୍ତି, ତେଣୁ ମୁଁ ଏପରି ସ୍ଥଳେ କଣ କରିବି ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଦାବି କଲେ ସେତେବେଳେ ଲୋକମାନେ ଆପଣ ସ:ଆ:ସଙ୍କୁ ଘୃଣା ମଧ୍ୟ କରୁଥିଲେ ଏବଂ ଅତ୍ୟାଚାର ମଧ୍ୟ କରୁଥିଲେ । ଲୋକମାନେ ସାହାବାମାନଙ୍କୁ ମଧ୍ୟ ଘୃଣା କରୁଥିଲେ ଓ ସେମାନଙ୍କୁ ମାରୁଥିଲେ ମଧ୍ୟ କିନ୍ତୁ ଏମାନେ ସମସ୍ତେ ଧୈର୍ଯ୍ୟର ସହିତ ବରଦାସ୍ତ କରୁଥିଲେ । ହଜୁର ଅନୱର ଅ:ବ:ଅ ପୁଣି କହିଲେ ଆପଣ ମଧ୍ୟ ଧୈର୍ଯ୍ୟ ଧରନ୍ତୁ ଯେ, ଏହା ହେଉଛି ଅହେମଦୀମାନଙ୍କର ଶିକ୍ଷା ।

ଆଉ ଜଣେ ମହିଳା କହିଲେ ଯେ, ମୁଁ ଖାନ୍‌ଦାନ ପ୍ରଥମେ ପୂଣ୍ୟବାନ ଅହେମଦୀ ଥିଲେ କିନ୍ତୁ ଏବେ ଏମାନେ ପରିବାରର ଚାପ ଅନ୍ତର୍ଗତ ଅହେମଦୀୟତରୁ ଦୁରେଇ ଯାଉଛନ୍ତି । ଦୁଆ କରନ୍ତୁ କି ସେମାନେ ପୁଣି ଲେଉଟି ଆସନ୍ତୁ ଏବଂ ମୋ ପିଲାମାନେ ଯମାତ୍ ସହିତ ଯୋଡ଼ି ହୋଇରୁହନ୍ତୁ ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ନିଜ ପିଲାମାନଙ୍କୁ ମସ୍‌ଜିଦ୍‌କୁ ଆଣନ୍ତୁ ଅର୍ଥାତ ମସ୍‌ଜିଦ୍ ସହିତ ସେମାନଙ୍କର ସମ୍ପର୍କ ସ୍ଥାପନ କରନ୍ତୁ ।

ହଜୁର ଅନୱର ଅ:ବ:ଅ କହିଲେ ମୋ ରିପୋର୍ଟ ହେଉଛି ଏହା କି, ଯେଉଁଭଳି ଏମ୍‌ଟିଏ ଦେଖାଯିବା ଉଚିତ । ସେହିଭଳି ଇଣ୍ଡୋନେସିଆରେ ଦେଖାଯାଉ ନାହିଁ । ତେଣୁ ନିଜ ପିଲାମାନଙ୍କୁ ଓ ନିଜର ଆସନ୍ତା ପିଢ଼ୀଙ୍କୁ ଏମ୍‌ଟିଏ ସହିତ ଯୋଡ଼ି ଦିଅନ୍ତୁ । ନୂଆ ପିଢ଼ୀପାଇଁ ଇଣ୍ଡୋନେସିଆ ଭାଷାରେ ପ୍ରୋଗ୍ରାମ ବନାନ୍ତୁ । ହଜୁର ଅନୱର ଅ:ବ:ଅ ୱଫଦ୍‌ର ସଦସ୍ୟମାନଙ୍କର ସମୀକ୍ଷା କଲେ ଯେ, କେଉଁମାନେ ଖୁତ୍‌ବା ଯୁମା ଶୁଣୁଛନ୍ତି ।

ୱଫଦ୍‌ର ଜଣେ ସଦସ୍ୟ ପଚାରିଲେ ଯେ, ଯମାତ୍ ଅହେମଦୀୟା ଜରିଆରେ ବିଜୟ କେଉଁ ରୂପରେ ହେବ ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ସଂଖ୍ୟା ଦୃଷ୍ଟିରୁ ମଧ୍ୟ ହେବ । ସଂଖ୍ୟା ବଢ଼ିବ ଓ ଅଧିକାଂଶ ଅହେମୀଦୟତରେ ଦାଖିଲ ହୋଇଯିବେ । ଲୋକମାନେ ଖରାପସ୍ଥିତିରେ ମଧ୍ୟ ରହିବେ । ଆଉ ଜଣେ ବନ୍ଧୁ ଅବଦୁର୍ ରହ୍‌ମାନ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୁଁ ବହୁତ ଖୁସୀ ଅଛି ଯେ, ମତେ ଜଲ୍‌ସାରେ ସାମିଲ ହେବାପାଇଁ ସୌଭାଗ୍ୟ ମିଳିଲା ଓ ହଜୁର ଅନୱର ଅ:ବ:ଅଙ୍କ ସହିତ ପ୍ରଥମଥର ପାଇଁ ସାକ୍ଷାତ କରିପାରିଲି । ମୁଁ କଦାପି ଏହି ଅନୁଭବକୁ ଭୁଲିବି ନାହିଁ ।

ଆଉ ଜଣେ ବନ୍ଧୁ କହିଲେ ଯେ, ଏହି ଜଲ୍‌ସା ଏକ ଉତମ ଜଲ୍‌ସା ଥିଲା, ଜଲ୍‌ସା ର ବ୍ୟବସ୍ଥା ପ୍ରତିକ୍ଷେତ୍ରରୁ ବହୁତ ଭଲ ଥିଲା । ଆମକୁ ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା । ବିଭିନ୍ନ ଦେଶରୁ ଆସିଥିବା ଭାଇମାନଙ୍କ ସହିତ ମିଶିବାର ଅବସର ମିଳିଲା । ସେହିପରି ବିଶ୍ୱାସବର୍ଦ୍ଧକ ଭାଷଣଗୁଡ଼ିକୁ ଶୁଣିବାର ଅବସର ମିଳିଲା । ଏହା ଦ୍ୱାରା ଆମ ବିଶ୍ୱାସରେ ଉନ୍ନତି ଘଟିଛି ।

ଆଉ ଜଣେ ବନ୍ଧୁ ଫଜଲ୍ ଅହେମଦ୍ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଏହି ଜଲ୍‌ସାରୁ ବହୁତ ଲାଭ ଉଠାଇଛି । ଭାଷଣଗୁଡ଼ିକରେ ପ୍ରଦତ ବିଷୟବସ୍ତୁଗୁଡ଼ିକ ନିଶ୍ଚିତରୂପେ ମୋ ଜୀବନ ସହିତ ଗଭୀର ସମ୍ବନ୍ଧ ରଖିଥିଲା ଯେ ମୁଁ କିପରି ନିଜ ଜୀବନକୁ ବିତାଇବି ଏବଂ ଏହା ମୋ ଜୀବନରେ ଆଧ୍ୟାତ୍ମିକତାକୁ ଜାଗ୍ରତ କରିବାପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଜଲ୍‌ସା ସମୟରେ ମତେ ଏ ମୌକା ମିଳିଲା ଯେ, ମୁଁ ଅନୁବାଦ ବିଭାଗରେ ସେବାକାର୍ଯ୍ୟ କରିପାରିବି ।

ୱଫଦ୍‌ର ସଦସ୍ୟମାନେ କହିଲେ ଯେ, ଆମର ଏ ଆନ୍ତରିକ ଇଚ୍ଛା ଯେ, ହଜୁର ଅନୱର ଅ:ବ:ଅ ଇଣ୍ଡୋନେସିଆ ଆସନ୍ତୁ । ଏଥିରେ ହଜୁର ଅନୱର ଅ:ବ:ଅ ''ଈଶ୍ୱର କରନ୍ତୁ'' ଅଲ୍ଲାଃ ହାଫିଜ୍ ।

ଇଣ୍ଡୋନେସିଆର ଏହି ପ୍ରତିନିଧିମଣ୍ଡଳର ଏହି ସାକ୍ଷାତକାର ୧୧ଟା ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତ ସଦସ୍ୟଗଣ ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନୱର ଅ:ବ:ଅ ଅତ୍ୟନ୍ତ ସ୍ନେହର ସହିତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଅଳ୍ପ ବୟସର ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

**ଜର୍ଜିଆ ଦେଶରୁ ଆସିଥିବା ୱଫଦ୍ (ପ୍ରତିନିଧିମଣ୍ଡଳ)ର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଏହାପରେ ପ୍ରୋଗ୍ରାମ ମୁତାବକ ଜର୍ଜିଆରୁ ଆସିଥିବା ୱଫଦ୍‌ର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ଆରମ୍ଭ ହେଲା । ଏବର୍ଷ ୮୫ ଜଣ ବିଶିଷ୍ଟ ୱଫଦ୍ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଥିଲା । ଋଷିଆର କୌଣସି ବି ଦେଶରୁ ଆସିଥିବା ଏହା ସମସ୍ତଙ୍କଠାରୁ ବଡ଼ ୱଫଦ୍ ଥିଲା ।

ୱଫଦ୍‌ର ସଦସ୍ୟମାନେ କହିଲେ ଯେ ହଜୁର ଅନୱର ଅ:ବ:ଅ ଜଲ୍‌ସାର ତିନିଦିନଯାକ ନିଜର ଅଭିଭାଷଣରେ ଯେଉଁ ବାର୍ତାମାନ ପ୍ରଦାନ କରିଛନ୍ତି ଆମେ ସେଥିଯୋଗୁଁ ହଜୁର ଅନୱର ଅ:ବ:ଅଙ୍କୁ ଧନ୍ୟବାଦ ଜଣାଉଛୁ ।

ଜର୍ଜିଆରୁ ଆସିଥିବା ମେମ୍ବର ଅଫ୍ ପାର୍ଲିଆମେଂଟ Sergio Rathiani ସାହେବ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ ଥିଲେ । ସେ ଗୋଟିଏ ୟୁନିଭର୍‌ସିଟିରେ ପ୍ରଫେସର ମଧ୍ୟ ଅଛନ୍ତି । ମୂରବୀ ସିଲ୍‌ସିଲା ଜର୍ଜିଆ ମୋକରମ୍ ଜୱାଦ୍ ଅହ୍‌ମଦ୍ ବଟ୍ ସାହେବ କହିଲେ ଯେ ସେହି ମହାଶୟ ହଜୁର ଅନୱର ଅ:ବ:ଅଙ୍କର ଗୈର୍ ଅହେମଦୀ ଅତିଥିମାନଙ୍କ ନିମନ୍ତେ ଥିବା ଅଭିଭାଷଣ ସମୟରେ ମତେ ବାରମ୍ବାର ଇଶାରା କରି କହୁଥିଲେ ଯେ କେତେ ସୁନ୍ଦର ଭାଷଣ । କହିଲେ, ହଜୁର ଅନୱର ଅ:ବ:ଅ to the point କଥା କହିଛନ୍ତି । ସେ ବହୁତ ଖୁସି


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ବ୍ୟକ୍ତ କରି କହିଲେ ଯେ ଏପରି ଭାଷଣ ବହୁତ କମ୍ ଶୁଣିବାକୁ ମିଳିଥାଏ । ଏହି ରାଜନେତା ହଜୁର ଅନଓ୍ୱର ଅ:ବ:ଅଙ୍କୁ ସାକ୍ଷାତ କରିବାପରେ ବହୁତ ଖୁସିଥିଲେ ଏବଂ ବାରମ୍ବାର ଏକଥା କହୁଥିଲେ ଯେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଜର୍ଜିଆ ଭଳି ଛୋଟିଆ ଦେଶ ସମ୍ବନ୍ଧରେ ବହୁତ ଜ୍ଞାନ ରହିଛି । ସେ କହିଲେ ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି ଓ ଆପଣଙ୍କ ଯମାତ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଶାନ୍ତି ପ୍ରଚାର କରିବା । ଯମାତ ଶାନ୍ତି ପ୍ରଚାର କରୁଥିବାରୁ ବହୁତ ଖୁସି ଲାଗୁଛି । ଯମାତ୍‌ର ବ୍ୟବସ୍ଥା ଓ ଅତିଥି ସତ୍କାର କାର୍ଯ୍ୟ ବହୁତ ଉଚ୍ଚକୋଟିର ଥିଲା । କୌଣସି ପ୍ରକାରର ଅବ୍ୟବସ୍ଥା ହୋଇନାହିଁ ଓ ପ୍ରତ୍ୟେକ ପ୍ରୋଗ୍ରାମ ନିଜ ନିଜର ଧାର୍ଯ୍ୟ ସମୟରେ ହିଁ ଅନୁଷ୍ଠିତ ହେଲା ।

ଜଣେ ମହିଳା କହିଲେ ଯେ ଆମକୁ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ କରି ବହୁତ ଖୁସି ଲାଗିଲା । ବ୍ୟବସ୍ଥାପିକା ଏ ଜଲ୍‌ସାକୁ ବହୁତ ଭଲରେ ସଙ୍ଗଠିତ କରିଛନ୍ତି । ସବୁ କାର୍ଯ୍ୟ ସମୟ ମୁତାବକ ଅନୁଷ୍ଠିତ ହେଉଥିଲା । ବହୁତ ପ୍ରଭାବଶାଳୀ ବାର୍ତା ଥିଲା । ଏକତା ଓ ଶାନ୍ତିର ବାର୍ତା ଥିଲା । ଏହା ଆମର ଆବଶ୍ୟକ । ୪୦ ହଜାର ଲୋକ ଥିଲେ କିନ୍ତୁ ସମସ୍ତଙ୍କ ମଧ୍ୟରେ ସମ୍ପୁର୍ଣ୍ଣ ଐକ୍ୟ ଭାବ ଥିଲା । ମହିଳାମାନଙ୍କର ଅଲଗା ସେଶନ୍ ଥିଲା । ବହୁତ ଭଲ ଅର୍ଗାନାଇଜ୍ ହୋଇଥିଲା । ଆଜି ଆମେ ସମସ୍ତଙ୍କୁ ନିଜ ଆଖିରେ ଦେଖିଲୁ । ଯୁବପିଢ଼ି ଆମକୁ ବହୁତ ପ୍ରଭାବିତ କରିଛନ୍ତି ।

ଜର୍ଜିଆରୁ ଦୁଇଜଣ ମହିଳା Laura Gamkrelitdze ଏବଂ Lika ସାହିବା ଦ୍ୱିତୀୟଥର ପାଇଁ ଜଲ୍‌ସାରେ ସାମିଲ ହୋଇଥିଲେ । ଉଦ୍‌ଯାପନି ଉତ୍ସବ ପୂର୍ବରୁ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଗଲା ତେଣୁ ଡ଼ାକ୍ତରଖାନା ଯିବାକୁ ପଡ଼ିଲା । ବେମାର ପଡ଼ିଥିବା ଅବସ୍ଥାରେ ଯେବେ ତାଙ୍କୁ ଜଣାପଡ଼ିଲା ଜର୍ଜିଆ ଓ୍ୱଫଦ୍‌ର ହଜୁରଙ୍କ ସହିତ ସାକ୍ଷାତକାର ରଖାଯାଇଅଛି ବୋଲି, କହିଲେ ଯେ ସେମାନେ ନିଶ୍ଚିତ ରୂପେ ସାକ୍ଷାତ କରିବେ । ପୁଣି ସ୍ୱାସ୍ଥ୍ୟ ଖରାପଥିବା ସତ୍ୱେ ମଧ୍ୟ ସାକ୍ଷାତ କରିବାପାଇଁ ପହଂଚିଲେ ।

ସେମାନେ କହୁଛନ୍ତି ଯେ ଯେବେ ସେମାନେ ପ୍ରଥମଥର ଜଲ୍‌ସାରେ ସାମିଲ ହୋଇଥିଲେ, ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏଥରକ ପୁଣି ସାମିଲ ହେବା ପରେ ଏ ବିଶ୍ୱାସ ହୋଇଗଲା ଯେ ମହିଳାମାନଙ୍କୁ ଯେଉଁ ମର୍ଯ୍ୟାଦା ଇସ୍‌ଲାମ୍ ପ୍ରଦାନ କରିଛି ତାହା ଅନ୍ୟ ସମସ୍ତ ଧର୍ମ ଓ ପାଶ୍ଚାତ୍ୟ ସମାଜଠାରୁ ବହୁତ ଉର୍ଦ୍ଧ୍ୱରେ ।

ଜର୍ଜିଆ ଓ୍ୱଫଦ୍‌ର ଧର୍ମଜ୍ଞାନ ଆହରଣ କରୁଥିବା ଜଣେ ଛାତ୍ରୀ Nanuka Zumbululidze ମଧ୍ୟ ସାମିଲ ଥିଲେ । ବୟତ ଉତ୍ସବ ବାବଦରେ ସେ ନିଜର ମନୋଭାବକୁ ବ୍ୟକ୍ତ କି କହିଲେ ଯେ ଏହି ବୟତ ଉତ୍ସବ ଆବେଗଭରା ଥିଲା । ମତେ ଧାର୍ମୀୟ ଏକତାର ଏକ ଦୃଶ୍ୟ ଦେଖିବାକୁ ମିଳିଲା ଓ ଜଣାପଡ଼ିଲା ଯେ କିଭଳି ବିଭିନ୍ନ ଜାତି ଓ ବର୍ଣ୍ଣର ଲୋକମାନେ ଶାନ୍ତିରେ ଏକାଠି ରହିପାରୁଛନ୍ତି । ମୁଁ ଧର୍ମ ଜ୍ଞାନ ଆହରଣ କରୁଅଛି । ଜଲ୍‌ସାରେ ପ୍ରଥମ ଥର ସାମିଲ ହୋଇଛି ଓ ମୋର ଏ ବିଶ୍ୱାସ ରହିଛି ଯେ ଏହି ଜଲ୍‌ସା ଶାନ୍ତି ପ୍ରାପ୍ତ କରିବାର ଏକ ଉତମ ମାଧ୍ୟମ ।

ଆଉ ଜଣେ ଅତିଥି କହିଲେ ଯେ ମୁଁ ପ୍ରଥମଥର ଏଠାକୁ ଆସିଛଇ । ଏହି କନ୍‌ଫରେନ୍ସରେ ଅନେକ ଲୋକଙ୍କୁ ସାକ୍ଷାତ କଲି । ସମସ୍ତେ ବହୁତ ଖୁସି ଥିଲେ । ଖଲିଫତୁଲ୍ ମସିହ୍ ଶାନ୍ତି ଉପରେ ଚର୍ଚ୍ଚା କଲେ ଓ ଶାନ୍ତିର ବାର୍ତା ପ୍ରଦାନ କଲେ । ଆମେ ଜଲ୍‌ସାରେ ଦେଖୁଛୁ ଯେ ଲୋକମାନେ ନିଜ ଇମାନ୍‌ରେ ଓ ଆଧ୍ୟାତ୍ମିକତାରେ ବହୁତ ବଢ଼ି ଚାଲିଥିଲେ । ପ୍ରତ୍ୟେକ ଅହେମଦୀ ଶାନ୍ତିପ୍ରତିଷ୍ଠା କରିବା ଦିଗରେ ପ୍ରଚେଷ୍ଟା କରିବାର ଦୃଷ୍ଟିଗୋଚର ହେଉଥିଲା । ସେ ଶେଷରେ ଦୁଆ କରିବାପାଇଁ ନିବେଦନ କଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କର ଏହି ଆଲୋଚନା ପାଇଁ ଧନ୍ୟବାଦ । ଯଜାକଲ୍ଲାଃ ।

*କ୍ରମଶଃ..........*

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❀ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❀ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❀ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❀ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❀ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❀ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❀ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❀ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❀ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❀ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❀ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❀ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❀ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❀ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❀ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❀ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❀ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❀ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 11 June 2020 Issue No. 24

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

**୮ ଜୁଲାଇ ୨୦୧୯ (ସୋମବାର)ର ବଳକା ରିପୋର୍ଟ ନୌ ମୁବାଇନ୍‌ମାନଙ୍କ ବିଶ୍ୱାସ ବର୍ଦ୍ଧକ ମନୋଭାବ ବ୍ୟକ୍ତ**

Pellumb Beja ସାହେବ୍ ନିଜର ମନୋଭାବକୁ ବ୍ୟକ୍ତି କରି କହୁଛନ୍ତି: ମୁଁ ହଜୁରଙ୍କ ହାତରେ ବୟତ କଲି ଓ ଯମାତ୍‌ରେ ସାମିଲ ହେବାର ସୌଭାଗ୍ୟ ପାଇଲି । ସେଥିଯୋଗୁଁ ମୁଁ ଅଲ୍ଲାଃ ତାଲାଙ୍କ ନିକଟରେ ଅତ୍ୟନ୍ତ କୃତଜ୍ଞ ଯେ ସେ ମତେ ଅହେମଦୀୟତ୍‌ରେ ସାମିଲ ହେବାପାଇଁ ଶକ୍ତି ପ୍ରଦାନ କଲେ । ହଜୁର ମତେ ପଚାରିଲେ ଯେ, ମୁଁ କେଉଁ କାରଣରୁ ଅହେମଦୀ ହୋଇଛି ? ଏଥିରେ ମୁଁ ଉତର ଦେଲି ଯେ ସନ୍ଦେହରୁ ବିଶ୍ୱାସ ଆଡ଼କୁ ଓ ଅନ୍ଧକାରରୁ ଜ୍ୟୋତି ଆଡ଼କୁ ଯାତ୍ରା କରି ମୁଁ ଅହେମଦୀ ହୋଇଛି । ମୁଁ ଅଲ୍ଲାଃ ତାଲାଙ୍କର କୃତଜ୍ଞ ଯେ ଏକ ବର୍ଷ ପୂର୍ବେ ମୁଁ ଇମାନ୍ ବିହିନ ଥିଲି । ଏ ବର୍ଷ ଅଲ୍ଲାଃ ତାଲା ମତେ ଇମାନ୍‌ର ସମ୍ପତି ପ୍ରଦାନ କଲେ । ମୋର ଜନ୍ମ ଓ ମୋର ଲାଳନପାଳନ ସମ୍ପୂର୍ଣ୍ଣରୂପେ ନାସ୍ତିକ ଓ ଭୌତିକବାଦ ପରିବେଶରେ ହୋଇଥିଲା କିନ୍ତୁ ଅଲ୍ଲାଃ ତାଲା ମତେ ଜଲ୍‌ସା ସାଲାନାରେ ସାମିଲ କରାଇ ଓ ହଜୁରଙ୍କ ସହିତ ସାକ୍ଷାତ କରାଇ ଇମାନ୍‌ର ଧନ ପ୍ରଦାନ କଲେ ।

ଆଉ ଜଣେ ଅତିଥି Besim Gjozi ସାହେବ୍ କହୁଛନ୍ତି ଯେ: ମୁଁ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜଲ୍‌ସାର ଶେଷ ଦିନ ବୟତ କରି ଯମାତ୍ ଅହେମଦୀୟାରେ ସାମିଲ ହୋଇଛି । ସେଥିଯୋଗୁଁ ମୁଁ ଅଲ୍ଲାଃ ତାଲାଙ୍କୁ କୃତଜ୍ଞତା ଜଣାଉଛି ।

ଜର୍ମାନୀର ଜଣେ ନୌ ମୁବାଏ ମହିଳା, ଯିଏ ଏ ବର୍ଷ ବୟତ କରିବାର ସୌଭାଗ୍ୟ ହାସଲ କରିଥିଲେ, ସେ କହୁଛନ୍ତି: ମୁଁ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ ହୋଇଛି । ମୁଁ ଯମାତ୍ ବିଷୟରେ କିଛିଟା ଜାଣିଥିଲି କିନ୍ତୁ ଅଧିକା ଜାଣିବାପାଇଁ ମୁଁ ଜଲ୍‌ସା ସାଲାନାରେ ଯୋଗ ଦେଲି । ଜଲ୍‌ସାରେ ଯେଉଁଭଳି ଆଧ୍ୟାତ୍ମିକ ଓ ପ୍ରେମପୂର୍ଣ୍ଣ ପରିବେଶ ଥିଲା, ଯାହାକୁ ଛୁଇଁ ଅନୁଭବ କରାଯାଇପାରିଥାନ୍ତା । ପ୍ରତ୍ୟେକ ଚେହେରା ଘୃଣାଭାବରୁ ମୁକ୍ତ ଓ ଜଣେ ଅନ୍ୟ ଜଣଙ୍କ ପାଇଁ ପ୍ରେମଭାବ ରଖିଥିଲା । ମୁଁ ସମସ୍ତ ଭାଷଣଗୁଡ଼ିକୁ ଧ୍ୟାନ ଦେଇ ଶୁଣିଛି । ସେଥିରୁ ବହୁତ କିଛି ଶିଖିଲି । ଜଲ୍‌ସା ସାଲାନାରେ କେତେକ କଥା ମୁଁ ଜୀବନସାରା ଭୁଲିପାରିବି ନାହିଁ ।

ସେଥି ମଧ୍ୟରୁ ସର୍ବାଗ୍ରେ ରହିଛି ନମାଜ୍ ବାଯମାତ୍ (ସାମୂହିକ ନମାଜ) ପାଠ । ନମାଜ ସମୟରେ ଯେଉଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା ତାହା ଆତ୍ମାକୁ ଝାଡ଼ି ଦେଉଥିଲା । ଦ୍ୱିତୀୟରେ ମୁଁ ଯେତେବେଳେ ବୟତ କଲି, ମୁଁ ମୋ ଭିତରେ ଏପରି ଏକ ସ୍ଥାୟୀ ଶାନ୍ତି ଅବତୀର୍ଣ୍ଣ ହେବାର ପାଇଲି, ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ । ଗୋଟିଏ ଶାନ୍ତି ଓ ସ୍ଥିରତାର ନଦୀ ମୋ ଭିତରେ ବହି ଚାଲୁଥିଲା ।

ଏହାପରେ ଯେତେବେଳେ ଆମ ନୌ ମୁବାଇଆତ୍‌ମାନଙ୍କର ହଜୁରଙ୍କ ସହିତ ସାକ୍ଷାତକାର ଥିଲା, ଯେବେ ତା ବିଷୟରେ ଚିନ୍ତା କରୁଛି, ତାହାକୁ ବର୍ଣ୍ଣନା କରିବାପାଇଁ ଶବ୍ଦ ମିଳୁନାହିଁ । ଯେଉଁ କ୍ଷଣି ହଜୁର ମିଟିଙ୍ଗ୍ ରୁମ୍‌ରେ ପାଦ ଥାପିଲେ, ସମଗ୍ର ପରିବେଶଟି ବଦଳିଗଲା । ଯେମିତି ଏହି ଅଧମକୁ ସେହି ବାବର୍‌କତ୍ ପାଦ ର ବର୍‌କତ୍‌ରୁ ଖୁଦାତାଲାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୋଇଥିଲା ।

ଆଉ ଜଣେ ଜର୍ମାନୀର ନୁଆ ଅହେମଦୀ ଯାହାଙ୍କୁ ଏ ବର୍ଷ ବୟତ କରିବାର ସୌଭାଗ୍ୟ ମିଳିଛି ସେ ଲେଖୁଛନ୍ତି ଯେ, ଯେତେବେଳେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କର ସ୍ୱରକୁ ମାଇକ ଦ୍ୱାରା ଶୁଣିଲି, ସେତେବେଳେ ଏମିତି ଲାଗୁଥିଲା ଯେମିତି ହଜୁର ମୋର ଅତି ନିକଟରେ ଅଛନ୍ତି । ହଜୁରଙ୍କର ଆବାଜ୍ ମୋ ଆତ୍ମା ଭିତରେ ହିଁ ପ୍ରବେଶ କରିଗଲା । ସେ ସମୟରେ ମୋର ଯେଉଁ ଅବସ୍ଥା ଥିଲା ତାହାକୁ ବର୍ଣ୍ଣନା କରିବାରେ ମୁଁ ଅସମର୍ଥ ମୁଁ ନିଜକୁ ବହୁତ ହାଲ୍‌କା ଅନୁଭବ କଲି । ଏକପ୍ରକାରର ଆନନ୍ଦ ଓ ଶାନ୍ତି ଅନୁଭବ ହେଉଥିଲା ତେଣୁ ମୁଁ ଏକଥା ଜାଣିଯାଇଥିଲି ଯେ, ଯେଉଁ ଶାନ୍ତି ଓ ଆଧ୍ୟାତ୍ମିକତାକୁ ମୁଁ ଖୋଜୁଥିଲି ତାହା ଆଜି ମତେ ଅହେମଦୀୟତର କୋଳ ଭିତରେ ଆସି ମିଳିଯାଇଥିଲା । ମୁଁ ବୟତ କରିବାର ନିଷ୍ପତି ହଜୁରଙ୍କ ଆବାଜ୍ ଶୁଣିବାପରେ ହିଁ କରିନେଇଥିଲି । ବୟତ କରିବା ପରଦିନ ନୌ ମୁବାଇୟାତ୍‌ମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ହାସଲ ହେଲା । ଏହି ସାକ୍ଷାତକାର ଚାଲିଥିବା ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ତାହା ହେଉଛି ଏହା କି, ହଜୁର ଅନଓ୍ୱର ଅ:ବ:ଅ ମତେ ହିଁ ସମ୍ବୋଧନ କଲେ, ହଜୁର ଅନଓ୍ୱର ଅ:ବ:ଅଙ୍କ ମହାନ୍ ବ୍ୟକ୍ତିତ୍ୱରୁ ଏତେମାତ୍ରାରେ ପ୍ରେମ, ଶାନ୍ତି ଏବଂ ଆଧ୍ୟାତ୍ମିକ ଆକର୍ଷଣ ଅନୁଭବ ହେଉଥିଲା କି ଯାହାକୁ ବର୍ଣ୍ଣନା କରିବା ଏ ଅଧମ ପାଇଁ ଅସମ୍ଭବ । ଏହି ଜଲ୍‌ସାରୁ ମୁଁ ବହୁତ ଗୁଡିଏ ଆଧ୍ୟାତ୍ମିକ ଉପହାର ଗ୍ରହଣ କରି । ବିଦାୟ ନେଲି ଓ ଏବେ ବୟତ କରିବାର ସୌଭାଗ୍ୟ ହାସଲ ହେବା ପରେ ମୁଁ ଜଣେ ଅହେମଦୀ ମୁସଲିମ୍ ମହିଳା ରୂପେ ନିଜ ଜୀବନର ଶୁଭାରମ୍ଭ କରିସାରିଛି ।

ଜଲ୍‌ସା ସାଲାନା ଜର୍ମାନୀ ଅବସରରେ Fyrkzada Aliyev ସାହେବ ମଧ୍ୟ ବୟତ କରିବାର ସୌଭାଗ୍ୟ ପାଇଲେ । ସେ ମହାଶୟ କୁର୍ଦ୍ଦ ବଂଶୀୟ ଅଟନ୍ତି ଓ ତାଙ୍କର ସମ୍ବନ୍ଧ ତଜାଗିସ୍ତାନ ସହିତ ରହିଛି । ସେ ଜର୍ମାନୀରେ ଶରଣାର୍ଥୀ ରୂପେ ଅଛନ୍ତି । ଚାରିବର୍ଷ ପୂର୍ବେ ତାଙ୍କ ସହିତ ଶରଣାର୍ଥୀ କ୍ୟାମ୍ପ ଥିବା ଡ଼ାକ୍ତର ଆଜିଜ୍ ସାହେବଙ୍କ ଜରିଆରେ ଯୋଗାଯୋଗ ହୋଇଥିଲା । ସେ ନିଜର ମନୋଭାବକୁ ବର୍ଣ୍ଣନା କରି କହୁଛନ୍ତି । ଦୁଇବର୍ଷ ପୂର୍ବେ ଯେତେବେଳେ ମୁଁ ପ୍ରଥମଥର ପାଇଁ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେଲି । ସେତେବେଳେ ମୁଁ ଯମାତ୍‌ର ପୁସ୍ତକଗୁଡ଼ିକୁ ଅଧ୍ୟୟନ କରିସାରିଥିଲି ଓ ମୁବ୍‌ଲିଗ୍ ସାହେବଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ଫୋନ୍ ଦ୍ୱାରା ମଧ୍ୟ ଯମାତ୍‌ର ନିୟମ କାନୁନ ଏବଂ ଆସ୍ଥା ବିଷୟରେ ଜ୍ଞାନ ହାସଲ କରିସାରିଥିଲି । ଜଲ୍‌ସା ସାଲାନାର ପରିବେଶ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ଏବଂ ଆପୋଷ ଭାଇଚାରା ମତେ ବହୁତ ପ୍ରଭାବିତ କରିଥିଲା । ମୁଁ ସେହି କ୍ଷଣି ବୟତ କରିବାପାଇଁ ପ୍ରସ୍ତୁତ ଥିଲି । କିନ୍ତୁ ସେତେବେଳେ ମୋ ପରିବାର କିଛି ଅସୁବିଧା ଏବଂ ବେମାର ଥିବା ଯୋଗୁଁ ବୟତ କରିବାର ଇଚ୍ଛା କେଉଁଠି ଦବି ରହିଗଲା । ଏହି ଦୁଇବର୍ଷ ମଧ୍ୟରେ ଅଲ୍ଲାଃ ତାଲା କୃପା କଲେ, ଯମାତ୍‌ର ସଦସ୍ୟମାନଙ୍କ ସହିତ ମଧ୍ୟ ଯୋଗାଯୋଗ ସୁଦୃଢ଼ ହେଲା ଅଧିକ ଅଧ୍ୟୟନ କରିବାପାଇଁ ମଧ୍ୟ ସୁଯୋଗ ମିଳିଲା । ଫଳତଃ ଦୁଇବର୍ଷ ପୂର୍ବେ ମୁଁ କରିଥିବା ନିଷ୍ପତିକୁ ବହୁତ ଶକ୍ତି ମିଳିଲା ଏବଂ ମୁଁ ଅଲ୍ଲାଃଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛିଯେ, ଏହି ଜଲ୍‌ସା ଅବସରରେ ମୁଁ ସମ୍ପୂର୍ଣ୍ଣରୂପେ ଖୋଲା ହୃଦୟର ସହିତ ବୟତ କରିବାର ସୌଭାଗ୍ୟ ପାଇଲି । ଅଲ୍‌ହମ୍‌ଦୁଲିଲ୍ଲାଃ । ମୋ ପତ୍ନୀ ଏ ବାବଦରେ ଆଉ ଟିକେ ଅଧିକା ଚିନ୍ତା ଓ ଅନୁଶୀଳନ କରୁଛନ୍ତି । ତାଙ୍କ ପାଇଁ ଦୁଆ କରିବାକୁ ନିବେଦନ କରୁଛି ।

ଜର୍ମାନୀର ଆଉଜଣେ ନୁତନ ଅହେମଦୀ ମହିଳା ଯିଏ ଗତବର୍ଷ ବୟତ କରିଥିଲେ । ସେ ଲେଖୁଛନ୍ତି ଗତବର୍ଷ ବୟତ କରିବାପରେ ମୋ ପାଇଁ ଜଣେ ଅହେମଦୀ ହିସାବରେ ଏହା ପ୍ରଥମ ଜଲ୍‌ସା ଥିଲା । ଗୋଟିଏ ବର୍ଷ କିପରି ବିତିଗଲା ଜଣାପଡ଼ିଲା ନାହିଁ । ଯମାତ୍‌ରେ ସାମିଲ ହୋଇ ମୁଁ ଏହା ଅନୁଭବ କରୁଛି, ଯେମିତି ମୁଁ ନିଜଘରେ ପହଂଚିଯାଇଛି । ଜଲ୍‌ସା ସାଲାନାର ପ୍ରତିକ୍ଷଣ ଆଧ୍ୟାତ୍ମିକତାରେ ଭରପୁର ଥିଲା । ସମସ୍ତ ଭାଷଣ ଗୁଡ଼ିକ ଓ ବିଶେଷରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ବହୁତ ଆତ୍ମସନ୍ତୋଷମୂଳକ ଥିଲା । ଗୋଟିଏ ଗୋଟିଏ ଶବ୍ଦ ଆତ୍ମା ଭିତରେ ଭେଦ କରିଯାଉଥିଲା । ଗତବର୍ଷ ମୁଁ ଅତିଥି ରୂପେ ଆସିଥିଲି ଯେବେ କି ଏବର୍ଷ ମୁଁ ଅତିଥିମାନଙ୍କର ସେବା କରିବାପାଇଁ ସୌଭାଗ୍ୟ ପାଉଅଛି । ଏକଥା ମୋ ପାଇଁ ଏତେ ସନ୍ତୋଷମୂଳକ ଥିଲା ଯେ, ତାହାକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ । ମୁଁ ଯମାତ୍ ଅହେମଦୀୟାକୁ ସେତେବେଳେ ପାଇଛି ଯେତେବେଳେ ମୁଁ ଶାନ୍ତି, ପ୍ରେମ ଏବଂ ଆଧ୍ୟାତ୍ମିକତାକୁ ଖୋଜି ଖୋଜି ବହୁତ ଥକି ଯାଇଥିଲି ।

ସେ ପୁଣି କହୁଛନ୍ତି ଏବେ ମୁଁ ଏହା ଚାହୁଁଛି ଯେ, ଯେଉଁ ଈଶ୍ୱର ମତେ ଏହି ସମ୍ପ୍ରଦାୟରେ ସାମିଲ ହେବାପାଇଁ ସୌଭାଗ୍ୟ ଦେଇଛନ୍ତି ମୁଁ ପ୍ରତିକ୍ଷଣ ତାଙ୍କର ହକ୍‌କୁ ପ୍ରଦାନ କରିବାପାଇଁ ଚେଷ୍ଟା କରିବି । ମୁଁ ବହୁତ କୃତଜ୍ଞ ଯେ, ମତେ ଏହି ଟିମ୍‌ରେ ସାମିଲ କରାଗଲା । ଫଳତଃ ଅତିଥିମାନଙ୍କୁ ସେବା କରିବାପାଇଁ ମତେ ସୌଭାଗ୍ୟ ମିଳିଲା । ମୁଁ ଏକଥା ଜାଣିନାହିଁ, କି ମୋର କୌଣସି ପୂଣ୍ୟର ପ୍ରତିବଦଳରେ ଖୁଦାତାଲା ମତେ ଯମାତ୍‌ରେ ସାମିଲ ହେବାପାଇଁ ସୌଭାଗ୍ୟ ଦେଲେ । କିନ୍ତୁ ମୁଁ କେବଳ ଏତିକି ଜାଣିଛି ଯେ, ଯଦି ମୁଁ ଜୀବନସାରା ମଧ୍ୟ ସିଜ୍‌ଦାରେ ରହେ ତେବେ ମଧ୍ୟ ମୁଁ ତା'ର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । ଜଲ୍‌ସା ସାଲାନା ଆତ୍ମାପାଇଁ ହେଉଛି ଗୋଟିଏ ପ୍ରଶିକ୍ଷଣ କ୍ୟାମ୍ପ ଆମର ଏ ସୌଭାଗ୍ୟ ଯେ, ହଜୁର ସ୍ୱୟମ୍ ଆମ ମଧ୍ୟରେ ଉପସ୍ଥିତ ରହୁଛନ୍ତି । ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଲଜ୍‌ନା ଜଲ୍‌ସାଗାଃ ଭିତରକୁ ଭାଷଣ ଦେବାପାଇଁ ପଦାର୍ପଣ କଲେ । ସେତେବେଳେ ମୋ ଆଖିରୁ ଅଶ୍ରୁ ବୋହୁଥିଲା ଓ ତାହା ବନ୍ଦ ହେଉନଥିଲା । କାରଣ ଏବେଠାରୁ ସେ ମୋର ମଧ୍ୟ ହଜୁର ଅଟନ୍ତି । ମୁଁ ମଧ୍ୟ ହଜୁରଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପାଇସାରିଛି । ହଜୁରଙ୍କ ପ୍ରତ୍ୟେକ ଶବ୍ଦ ସହିତ ସମାନ୍ତରଣ ଭାବେ ମୋ ଆଖିରୁ ଅଶ୍ରୁ ବହୁଥିଲା । ଏପରି କି ତରାନା ମଧ୍ୟ ଶେଷ ହୋଇଗଲା ଓ ମୁଁ କାନ୍ଦୁଥିଲି । ମୋ ସହିତ ବସିଥିବା ଜଣେ ଜର୍ମାନୀର ଭଉଣୀ ମତେ କୁଣ୍ଢାଇ ଧରିଲେ ଓ ଆମେ ଦୁଇଜଣ ଯାକ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan